## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଲୋଇସିଂହା,୯।୮ (ସୁଶାନ୍ତ ବାରିକ)

ମହିଳା ଧରି ଚମ୍ପଟ ମାରୁଥିବା ବେଳେ ଯୁବକଙ୍କୁ ଗିରଫ କରିଛି ବଲାଙ୍ଗୀର ଜିଲା ଆଗଲପୁର ପୋଲିସ। ଅଭିଯୁକ୍ତ ହେଲେ ବାବୁଫାସଡ ଗ୍ରାମର ସରୋଜ କୁମାର ପ୍ରଧାନ(୨୫)। ଶୁକ୍ରବାର ସରୋଜଙ୍କ ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ଖାରଜ ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ସରୋଜ ଏବଂ ଉକ୍ତ ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ସରୋଜ ମହିଳାଙ୍କୁ ଧରି ଗୁଜୁରାଟକୁ ଫେରାର ହେଉଥିଲେ। କୌଣସି ସୂତ୍ରରୁ ମହିଳାଙ୍କ ପରିବାର ଲୋକେ ଖବର ପାଇ ବଲାଙ୍ଗୀର ରେଳ ଷ୍ଟେଶନରୁ ଉଭୟଙ୍କୁ କାବୁ କରିଥିଲେ। କୌଶଳ କ୍ରମେ ସରୋଜ ସେଠାରୁ ଖସି ଯାଇଥିଲେ। ଏହାପରେ ମହିଳା ଜଣକ ସରୋଜଙ୍କ ବିରୋଧରେ ଆଗଲପୁର ଥାନାରେ ଏତାଲା ଦେଇଥିଲେ। କେଶ (ନଂ.୧୧୫/୨୪)ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଲା।

### ଖୁଡ଼ୀଙ୍କୁ ଆକ୍ରମଣ କରି ୨ଭାଇ ଗିରଫ

ଲୋଇସିଂହା,୯।୮ (ସୁଶାନ୍ତ ବାରିକ)

ଖୁଡ଼ୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଘଟଣାରେ ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ୨ ଭାଇଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଗଲପୁର ଗ୍ରାମର ଯୋଗେଶ୍ୱର ମେହେର ଓ ଅଜୟ ମେହେର। ପୋଲିସ ସୂଚନା ଅନୁଯାୟୀ, ଯୋଗେଶ୍ୱର ଓ ଅଜୟ ତାଙ୍କ ଖୁଡ଼ୀଙ୍କୁ ଗାଳିଗୁଲଜ କରିବାସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସମ୍ପୃକ୍ତ ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୩୩/୨୪) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି।

### ଘଣ୍ଟାଶୁଣୀ ଉଚ୍ଚ ପ୍ରାଥମିକ ସ୍କୁଲରେ ସିସିଟିଭି ଉଦ୍‌ଘାଟନ

ଟିଟିଲାଗଡ଼,୯।୮ (ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଘଣ୍ଟାଶୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ କମିଟିର ନିଜସ୍ୱ ପାଣ୍ଠିରୁ ଲଗାଯାଇଥିବା ସିସିଟିଭିକୁ ଶୁକ୍ରବାର ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ମମତା ଦେବୀ ଜୈନ, ସହାୟକ ଜିଲାପାଳ ସନ୍ଦୀପ ଚନ୍ଦ୍ରକାର, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, ବିଦ୍ୟାଳୟ କମିଟି ସଭାପତି ସୁବୋଧ ଦାସ, କାଉନସିଲର ସୁନିଲ ଆଚାର୍ଯ୍ୟ, ସୁନିତା ନାଗ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ମହାନ୍ତି ଏବଂ ଅନ୍ୟ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଶେଷରେ ବନମାଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱ ଆଦିବାସୀ ଦିବସ

ଟିଟିଲାଗଡ଼,୯।୮ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଆଦିବାସୀ ସଂଘ ଟିଟିଲାଗଡ଼ ବ୍ଲକ ଶାଖା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏନେଇ ସଂଘ ପକ୍ଷରୁ ସ୍ଥାନୀୟ ଆଦିବାସୀ ଭବନରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଅନୁଷ୍ଠିତ ସଭାରେ ସଂଘ ନେତା ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ମତବ୍ୟକ୍ତ କରିଥିଲେ। ଆଦିବାସୀବର୍ଗଙ୍କ ବିଭିନ୍ନ ଦାବି ନେଇ ଏହି ଅବସରରେ ଟିଟିଲାଗଡ଼ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜ୍ଞାପନ ପତ୍ର ପ୍ରଦାନ କରାଯାଇଥିଲା। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ସନ୍ଦୀପ ଚନ୍ଦ୍ରାକର ଦାବି ପତ୍ର ଗ୍ରହଣ କରିଥିଲେ। ସଂଘର ବ୍ଲକ ସଭାପତି ପଦ୍ମନ ପ୍ରଧାନୀଙ୍କ ନେତୃତ୍ୱରେରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୈତନ୍ୟ ମାଝୀ, ନିତ୍ୟା ମାଝୀ, ସୁନିଲ ମାଝୀ, ଥବିର ପୁଝାରୀ, ଜଗନ୍ନାଥ ମାଝୀ, ବିଭୀଷଣ ମାଝୀ, ପ୍ରଫୁଲ୍ଲ ପ୍ରଧାନୀ, ମନୋଜ ମାଝୀ, ରୋହିତ ଝାଙ୍କର, ଚୂଡ଼ାମଣୀ ମାଝୀ, ଘାସିରାମ ମାଝୀ, ପରଂବ୍ରହ୍ମ ମାଝୀ ପ୍ରମୁଖ ସାମିଲ ଥିଲେ।

# ସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବାକୁ ଆହ୍ୱାନ

## ଖପ୍ରାଖୋଲରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ଖପ୍ରାଖୋଲ,୯।୮ (ଅଭୟ ତ୍ରିପାଠୀ)



ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ସହ ଶୋଭାଯାତ୍ରାରେ ଗାଁ ପରିକ୍ରମା କରୁଛନ୍ତି।

ଖପ୍ରାଖୋଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଶତାଧିକ ମହିଳା ପୁରୁଷ ସ୍ଥାନୀୟ ଉପବଜାର ପରିସରରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ତନ୍ତ୍ର ଧରୁଆଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥିଭାବେ ବରିଷ୍ଠ ଆଦିବାସୀ ନେତା ସତ୍ୟ ଭୋଇ, ସମ୍ମାନିତ ଅତିଥି ପଦ୍ମକୁମାର ସିଂ ବରିହା, ଚନ୍ଦ୍ରଶେଖର ବରିହା, ନିଳାମ୍ବର ଭୁଏ, ଲକ୍ଷ୍ମୀ ଶବର, ଚୌବନ ମାଝୀ, ଟିକେଶ୍ୱର୍ ଧରୁଆ, ବିପ୍ର ବିଶି ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବାକୁ ସମସ୍ତ ଆଦିବାସୀ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଏହାପରେ ପାରମ୍ପରିକ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ହୋଇ ନାଚ ଗୀତର ତାଳେ ତାଳେ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରି ବିଡିଓ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଆଦିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ଏକ ୧୮ ଦଫା ଦାବି ପତ୍ର ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ନିହାର ରଞ୍ଜନ ଭୋଇ, ନାରାୟଣ କିଷାନ, ସତ୍ୟଭାମା ମାଝୀ, ଗୁପ୍ତେଶ୍ୱର କୁଅଁର, ଶଶିରେଖା ଧରୁଆ, ହେମବତି ମାଝୀ, ଯଦୁମଣି ବରିହା, ମହେଶ ବରିହା ଓ ଶତାଧିକ ଅଧିବାସୀ ମହିଳା ପୁରୁଷ ଯୋଗଦେଇଥିଲେ।

# ଫଳ ବୃକ୍ଷଚାରା ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ

ମୁରିବାହାଲ, ୯।୮ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମପଞ୍ଚାୟତର ଭୋଇପଡା ଗ୍ରାମ ଜନମୁକ୍ତି ଅନୁଷ୍ଠାନ କାର୍ଯ୍ୟାଳୟଠାରେ ଶୁକ୍ରବାର ବାସୁଦେବ ପଣ୍ଡା ଫାଉଣ୍ଡେସନ, ସଷ୍ଟେନେବଲ ଇନିସିଏଟିଭ ଓ ଜନମୁକ୍ତି ଅନୁଷ୍ଠାନ ସହାୟତାରେ ପଚାଶ ହଜାର ବିଭିନ୍ନ ଫଳଚାରା ବଣ୍ଟନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହାସହ ଗଛ ଲଗାଇ ଜଳବାୟୁ ପରିବର୍ତ୍ତନରେ ସହାୟତା କରିବା, ଫଳ ଗଛକୁ ନେଇ ଠିକ ଭାବରେ ରୋପଣ କରିବା ସହ ଆର୍ଥିକର ବିକାଶରେ ସହଭାଗୀ ହେବାକୁ ପୁଟେଲ ପରାମର୍ଶ ଦେଇଥିଲେ। ଏପିଓ ବସନ୍ତ କୁମାର ବଳିୟାର ସିଂହ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକର ବିଭିନ୍ନ ଗ୍ରାମରୁ ଉତ୍ପାଦକ ଗୋଷ୍ଠୀର ସଦସ୍ୟା, ଶ୍ରମିକ ସଙ୍ଗଠନ ଓ ଗ୍ରାମ୍ୟ ଉନ୍ନୟନ କମିଟିର ସଭ୍ୟାସଭ୍ୟ, ଛୋଟ ଓ ନାମମାତ୍ର ଚାଷୀ ପ୍ରମୁଖ ୧୧୦ ଜଣ ଉପସ୍ଥିତ ରହି ଚାରା ଗ୍ରହଣ କରିଥଲେ। ଏହି ଅବସରରେ ଅଧିକ ଉତ୍ପାଦନକ୍ଷମ ଦେଶୀ କଲମୀ ପନିପରିବା ଚାରା, ଘାସ ବଛା ଯନ୍ତ୍ର ସହିତ ଦେଶୀ ବିହନ ଛୋଟ ଓ ନାମମାତ୍ର ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ସଞ୍ଜୀବ କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜନମୁକ୍ତି ଅନୁଷ୍ଠାନର କର୍ମୀ ଓ କର୍ମକର୍ତ୍ତା ଟେଭା ସଗ୍ରିଆ, ସୁବର୍ଣ୍ଣ ବାଗ, ପ୍ରଶାନ୍ତ ବାରିକ, ଲଳିତ ରଣା, ପ୍ରକାଶ କୁମାର ବନ୍ଦିଛୋର, ଲକ୍ଷ୍ମୀଧର ବାଗ, ବିକାଶ ଥପା, ଧର୍ମ ସାହୁ, ଆଶିଷ ସା, ଗଙ୍ଗା ହରପାଲ, ସୁଶିଲ କୁମାର ସାହୁ, ନବୀନ ସାହୁ, ଅଶୋକ ନେଓରା, ହରିଶ ଚନ୍ଦ୍ର ବଗର୍ତ୍ତୀ, ରଞ୍ଜିତା ହରପାଲ, ଜୁଗେଶ୍ୱର ବାଗ, ଜାନକୀ ଭୋଇ, ସଙ୍ଗୀତା ଗଡୁଆ, ଭାଗ୍ୟଧର ଚିନ୍ଦା ଓ ହୃଷୀକେଶ ଭୁଏ ପ୍ରମୁଖ ସହଯୋଗ କରିଥିଲୋ।

# ଆଦିବାସୀମାନେ ସଙ୍ଗଠିତ ହେବାକୁ ଆହ୍ୱାନ



ମୁରିବାହାଲ,୯।୮ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କୋକ ଡୁଙ୍ଗୁରିଠାରେ ଆଦିକନ୍ଦ ବୁଡୁକା ପ୍ରଗଣା ତରଫରୁ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ମୁରିବାହାଲ ବ୍ଲକ ଶାଖା ଓ ବଙ୍ଗୋମୁଣ୍ଡା ବ୍ଲକର ମିଳିତ ଆନୁକୂଲ୍ୟରେ ଏବଂ ପ୍ରଗଣା ସଭାପତି ଲଳିତ ଜାନୀଙ୍କ ଅଧ୍ୟକ୍ଷତାରେ ଏହା ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା କନ୍ଧ ସମାଜ ଯୁବ ସଙ୍ଗଠନର ସଭାପତି ସୁରେଶ ଭୋଇ ଯୋଗଦେଇ ଆଦିବାସୀ ଦିବସ ତାତ୍ପର୍ଯ୍ୟ, ଆଦିବାସୀମାନେ ସଂଗଠିତ ହେବା, ନିଜର ପରମ୍ପରା, ଐତିହ୍ୟ ଓ ସାମାଜିକ ପ୍ରଥା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସମ୍ପାଦକ ଡିଙ୍ଗର ଭୋଇ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି କୁବେର ଭୋଇ, ଧରଣୀ ପେନୁ ଯୋଗଦେଇ ଆଦିବାସୀମାନେ କିପରି ସୁବୁ କ୍ଷେତ୍ରରେ ସମାଜର ନେତୃତ୍ୱ ନେଇପାରିବେ ତାହା ଉପରେ ନିଜ ମତଦେଇ ଥିଲେ। ସଙ୍ଗଠନର ରାଜ୍ୟ ସଂଯୋଜକ ଛବିରାବଣ ଜାନୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଆଦିବାସୀମାନଙ୍କର ବିକାଶ ତଥା ସଂସ୍କୃତି ପରମ୍ପରା କିପରି ବଞ୍ଚି ରହିବ ସେ ବିଷୟରେ ଆଲୋଚନା ହୋଇଥିଲା। ପରିବେଶ ସୁରକ୍ଷା, ଜଳ, ଜଙ୍ଗଲ, ଜମିର ସୁରକ୍ଷା ପାଇଁ ପ୍ରତ୍ୟେକ ଆଦିବାସୀ ଘରେ ଗଛ ଲଗାଇ ଆଦିବାସୀ ସଂସ୍କୃତିକୁ ବଞ୍ଚାଇବା ପାଇଁ ମୁଖ୍ୟବକ୍ତା ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଧନୁର୍ଦ୍ଧର୍ଯ୍ୟ ମାଝୀ, ତିଳ ଭୋଇ, ଗଣେଶ ଭୋଇ, ପବିତ୍ର ଭୋଇ, ଯଶୋବନ୍ତ ଭୋଇ ସହଯୋଗ କରୁଥିବା ବେଳେ କପିଳାସ ଭୋଇ ମଞ୍ଚ ସଞ୍ଚାଳନ କରିଥିଲେ।

## ୫୫ ମହିଳାଙ୍କୁ ମିଲେଟ ଭିତ୍ତିକ ଜୀବିକା ଉପରେ ତାଲିମ

ଟିଟିଲାଗଡ,୯।୮ (ଶରତ ମିଶ୍ର)

ଟିଟିଲାଗଡ ମାଥାନପଲାଠାରେ ସୟଂ ସହାୟକ ଦଳର ସଦସ୍ୟାମାନଙ୍କୁ ନେଇଁ ମିଲେଟ ଭିତ୍ତିକ ଜୀବିକା ଉପଯୋଗ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହେଇଯାଇଛି। ନାବାର୍ଡ ଜିଲା ବିକାଶ ଅଧିକାରୀ ବିବେକ କୁମାର ନାୟକ ମୁଖ୍ୟ ଅତିଥି, ସିଆରପି ଭାଗ୍ୟବତୀ ଗଡଟିଆ ଏବଂ ଆଶା ଅନୁଷ୍ଠାନର ସଂଯୋଜକ ସଞ୍ଜୀବ କୁମାର ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ବିନୟ ମହାପାତ୍ର ଓ ପରମେଶ୍ୱର ରଣା ମାଥନପଲା ଗ୍ରାମର ୭ଟି ସ୍ୱୟଂ ସହାୟକ ଦଳରୁ ପ୍ରାୟ ୫୫ ଜଣ ମହିଳାଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମାଣ୍ଡିଆର ଉପକାରିତା ବିଷୟରେ ଆଲୋଚନା କରି ତାହାକୁ କେଉଁଭଳି ଭାବରେ ମୂଲ୍ୟବୃଦ୍ଧିକରଣ କରାଯିବ ଏବଂ ଅଧିକରୁ ଅଧିକ ଲାଭବାନ ହୋଇପାରିବା ତାହା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। କ୍ଷୁଦ୍ରଶସ୍ୟ ଭିତ୍ତିକ ପ୍ରକ୍ରିୟାକରଣ, ପ୍ରସ୍ତୁତି ଯଥା ମାଣ୍ଡିଆ ଲଡୁ, ମିକ୍ସଚର ତିଆରି, ବିସ୍କୁଟ, ମାଲପୁଆ, ଜିଲାପି, ମାଣ୍ଡିଆ ରସଗୁଲା, ମାଣ୍ଡିଆ ଚୂନା, ଗୁରଜି ଚାଉଳ, କଦୋ ଚାଉଳ, ସର୍ଗମ ପାଉଡର, ବାଜରା ପାଉଡର, ଇତ୍ୟାଦି ପ୍ରସ୍ତୁତ କରି ଉଚିତ ମୂଲ୍ୟରେ ବିକ୍ରି କରି ଦକ୍ଷତା ବିକାଶ କରାଯାଇପାରିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଶା ଅନୁଷ୍ଠାନର କର୍ମକର୍ତ୍ତା ଗୁପ୍ତେଶ୍ୱର ମାଝୀ, ମାନସ ପଟ୍ଟନାୟକ, ବେଲାର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଦଳୀପାଲି-ପାଣ୍ଡରିଡୁଙ୍ଗରୀ ରାସ୍ତା ଶୋଚନୀୟ


କଦଳୀପାଲିରୁ ପାଣ୍ଡରିଡୁଙ୍ଗରୀ ରାସ୍ତା କାଦୁଅ ପଚପଚ ହୋଇପଡିଛି।

ଲୋଇସିଂହା,୯।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ କଦଳୀପାଲିରୁ ପାଣ୍ଡରିଡୁଙ୍ଗରୀ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଫଳରେ ଯାତାୟତରେ ଲୋକେ ସମସ୍ୟା ଭୋଗୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, କଦଳୀପାଲି ଗାଁ ହେଉଛି ଲୋଇସିଂହା ବ୍ଲକର ସୀମାନ୍ତ ଗାଁ। ସେହିପରି ଆଗଲପୁର ବ୍ଲକର ସୀମାନ୍ତ ଗାଁ ହେଉଛି ପାଣ୍ଡରୀଡୁଙ୍ଗରୀ। କଦଳୀପାଲିରୁ ପାଣ୍ଡରୀଡୁଙ୍ଗରୀକୁ ଏକ ରାସ୍ତା ସଂଯୋଗୀକରଣ ହୋଇଛି। ଏହି ରାସ୍ତାର ଦୈର୍ଘ୍ୟ ୩ କି.ମି.। ଉକ୍ତ ରାସ୍ତାର ଲୋଇସିଂହା ସୀମାନ୍ତରେ ବ୍ଲକ ପ୍ରଶାସନ ପକ୍ଷରୁ ଏମଜିଏନଆରଇଜିଏସ୍‌ରେ ନୂତନ ମାଟି ରାସ୍ତା କାମ କରାଯାଉଛି। ମାଟି ଉପରେ ରୁଲିଂ କରି ମୋରମ ବିଛାଇବା କଥା। କିନ୍ତୁ ତାହା ନ କରିବାରୁ ବର୍ଷା ଆସିବାରୁ ଏହି ରାସ୍ତାର ଯାନବାହାନ ଚଳାଚଳ ପରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। ୩ କି.ମି. ରାସ୍ତାକୁ ୧୦ କି.ମି. ଦେଇ ଯିବାକୁ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଥିସହ ରାସ୍ତାରେ ସୂଚନା ଫଳକ ଲଗାଯାଇନାହିଁ। ରାସ୍ତା କାମର ବ୍ୟୟ ଅଟକଳ କେତେ ଗ୍ରାମବାସୀ ଜାଣିପାରୁ ନ ଥିବା କହିଛନ୍ତି।

# ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ନାଗ ପଞ୍ଚମୀ ପୂଜା

ବଲାଙ୍ଗୀର,୯।୮ (ବୀରେନ୍ଦ୍ର କୁମାର ଝାଙ୍କର)


ନାଗପଞ୍ଚମୀ ଉପଲକ୍ଷେ ପୂଜାର୍ଚ୍ଚନା କରାଯାଉଛି।

ବଲାଙ୍ଗୀର ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ଶୁକ୍ରବାର ନାଗ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକନାଥ ମନ୍ଦିରରେ ମା' ମନସା ଦେବୀଙ୍କ ମନ୍ଦିରରେ ନାଗ ପଞ୍ଚମୀ ପୂଜା କରାଯାଇଥିଲା। ଶ୍ରାବଣ ମାସର ତୃତୀୟ ପାଳି ନାଗ ପଞ୍ଚମୀ ପୂଜା ପାଇଁ ମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟିଥିଲା। ବର୍ଷା ମାସରେ ଗାଁ ଠୁ ସହର ମଧ୍ୟରେ ସର୍ପ ଦଂଶନରେ ନିରୀହ ଜୀବମାନଙ୍କ ଜୀବନହାନୀ ଘଟୁଛି। ଅନେକ ଲୋକ ମଧ୍ୟ ସର୍ପଦଂଶନର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ଅନେକ ଲୋକ ମନ୍ତ୍ରତନ୍ତ୍ର କରି ସର୍ପଦଂଶନର ଚିକିତ୍ସା କରୁଛନ୍ତି। ଏଭଳି ଅନ୍ଧ ବିଶ୍ୱାସ ଓ ମନ୍ତ୍ରତନ୍ତ୍ର ଉପରେ ବିଶ୍ୱାସ ନ କରି ସର୍ପ ଦଂଶନର ମେଡିକାଲ ଚିକିତ୍ସା କରିବାକୁ କମିଟି ପକ୍ଷରୁ ଲୋକଙ୍କୁ ଆହ୍ୱାନ କରାଯାଇଛି। ସାପ କାମୁଡିବା ଜାଣିବା ପରେ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ଯାଇ ଚିକିତ୍ସା କରିବାକୁ ସେମାନେ ଲୋକଙ୍କୁ ଅନୁରୋଧ କରିଛନ୍ତି। ପୂଜକ ବାଳକୃଷ୍ଣ ଥନାପତି ପୂଜାର୍ଚ୍ଚନା କରିଥିଲେ। ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକ, ସୁରେନ୍ଦ୍ର ନେଗୀ, ନରେନ୍ଦ୍ର କବାଟ ଏବଂ ଦେବାଳୟ ସୁରକ୍ଷା କମିଟି ଆବାହକ ପ୍ରଶାନ୍ତ ମହାକୁର, ଜୟକୃଷ୍ଣ ମିଶ୍ର ଓ ପ୍ରେସ୍ କ୍ଲବ ସଭାପତି ଅରୁଣ ମିଶ୍ର ଉପସ୍ଥିତ ଥିଲେ।

# ଆଦିବାସୀ ଦିବସ ପାଳିତ

ଲୋଇସିଂହା,୯।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋଡ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଗଷ୍ଟ କ୍ରାନ୍ତି ଓ ଆଦିବାସୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଭାରେ ପରିଚାଳନା ପରିଷଦର ସଭାପତି କାହ୍ନୁଚରଣ ଦର୍ଜି ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଡ. ସନ୍ତୋଜ କୁମାର ରଥ ମୁଖ୍ୟବକ୍ତା, ଇତିହାସ ବିଭାଗ ମୁଖ୍ୟ ରଶ୍ମିଲତା ମହାନନ୍ଦ,ଅଧ୍ୟାପକ ଦୈତାରୀ ଶବର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ କ୍ରାନ୍ତି ଦିବସର ବିଶେଷତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକମକୁ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ସଂଯୋଜନା କରିଥିଲେ।

# ଧରମ ସିଂ ମାଝି ମାନ୍‌ଧାତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି

ବଲାଙ୍ଗୀର,୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

## ପ୍ରଧାନମନ୍ତ୍ରୀଙ୍କୁ ଚିଠି


ଗୁରୁଶ୍ରୀ ଘାସିରାମ ମିଶ୍ର ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠି ଦେଖାଉଛନ୍ତି।

ବ୍ରିଟିଶ ବିରୋଧରେ ଦୁର୍ଦ୍ଧର୍ଷ ସଂଗ୍ରାମ କରିଥିବା ଆଟଗାଁ ଜମିଦାର ଧରମ୍ ସିଂ ମାଝି ମାନ୍‌ଧାତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ଦାବିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଚିଠି ଲେଖାଯାଇଛି। ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ଚିଠି ଲେଖା ଅଭିଯାନ ଦାବି ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି କୁହାଯାଇଛି। କ୍ରାନ୍ତି ଦିବସ ଅବସରରେ ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର ପ୍ରଥମ ଚିଠି ଲେଖି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ପରିବର୍ତ୍ତନ ଅନୁଷ୍ଠାନ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଅଭିଯାନରେ କୋଶଳ ଯୁବ ସଙ୍ଗଠକ ଗିଲୁ ରଥ, ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନର ସୋମନାଥ ମିଶ୍ର, ସୁଧାଂଶୁ ମିଶ୍ର, ତହଁକ କୁଟୁମ୍ବ ରାଜେଶ ଦଣ୍ଡସେନାଙ୍କ ସମେତ ଆଟଗାଁର ଯୁବବର୍ଗ ଉପସ୍ଥିତ ଥିବା ସୂଚନା ଦିଆଯାଇଛି।

# ଏଫ୍‌ସିଆଇ ଅଫିସ ସ୍ଥାନାନ୍ତରକୁ ବିରୋଧ

ଟିଟିଲାଗଡ଼,୯।୮ (ଶରତ ମିଶ୍ର)



ଖବରଦାତା ସମ୍ମିଳନୀରେ ନାଗରିକ ମଞ୍ଚ ସଭାପତି ସୂଚନା ଦେଉଛନ୍ତି।

ଟିଟିଲାଗଡ଼ ସହରରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା ଭାରତୀୟ ଖାଦ୍ୟ ନିଗମ କାର୍ଯ୍ୟାଳୟ ରହିଛି। ତେବେ ଏହାକୁ ବର୍ତ୍ତମାନ ବଲାଙ୍ଗୀର ସ୍ଥାନାନ୍ତର ପ୍ରୟାସକୁ ନାଗରିକ ମହଲରେ ତୀବ୍ର ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ସ୍ଥାନୀୟ ଏକ ଲଜ୍ ପରିସରରେ ଟିଟିଲାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମଞ୍ଚ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ କହିଥିଲେ, ଏହା ଏକ ଦୁର୍ଭାଗ୍ୟଜନକ ନିଷ୍ପତ୍ତି। ଅଫିସ ସ୍ଥାନାନ୍ତର ନେଇ ନିଗମ ଅଧିକାରୀ ଟିଟିଲାଗଡ଼ଠାରେ ଅଫିସ କାର୍ଯ୍ୟାଳୟ ଏବଂ ଅଧିକାରୀ, କର୍ମଚାରୀ ରହିବା ପାଇଁ ଗୃହ ମିଳୁ ନ ଥିବା ଦର୍ଶାଇଛନ୍ତି। ଏହାସହ ପିଲାଙ୍କ ପାଠପଢା ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ନ ଥିବା ବାହାନା କରାଯାଉଛି। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ମଞ୍ଚ ସଭାପତି କହିଛନ୍ତି। ଦୀର୍ଘ ୫୦ ବର୍ଷ ହେଲା ଖାଦ୍ୟ ନିଗମ ଅଧିକାରୀ, କର୍ମଚାରୀ ଏଠାରେ ରହୁଛନ୍ତି। ବର୍ତ୍ତମାନ କିଭଳି ସମସ୍ୟା ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଟିଟିଲାଗଡ଼ଠାରେ ଖାଦ୍ୟ ନିଗମର ବିରାଟ ଚାଉଳ ଗୋଦାମ ରହିଛି। ଏ ନେଇ ସ୍ଥାନୀୟ ଲୋକେ ଶ୍ରମିକ କାର୍ଯ୍ୟ କରି ନିଜ ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ନିଗମ କାର୍ଯ୍ୟାଳୟରେ ୬୩ ଜଣ ସ୍ଥାୟୀ କର୍ମଚାରୀ ନିଯୁକ୍ତ ରହିଛନ୍ତି। ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳରେ ଅନେକ ଗୁଡିଏ ରାଇସ ମିଲ ମଧ୍ୟ ରହିଛି। ଏ ପରିପ୍ରେକ୍ଷୀରେ ନିଗମ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ସାଧାରଣ ଶ୍ରମିକ ପରିବାରଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ମଧ୍ୟ କ୍ଷତିଗ୍ରସ୍ତ ହେବେ। ପୂର୍ବତଟ ରେଳ ପଥର ଟିଟିଲାଗଡ଼ ଏକ ପ୍ରମୁଖ ରେଳ ଜଙ୍କସନ ତଥା ସହର ଦେଇ ଜାତୀୟ ରାଜପଥ ସଂଯୋଗ ରହିଛି। ସହରରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ତ ଆନୁଷଙ୍ଗିକ ସୁବିଧା ମଧ୍ୟ ରହିଛି। ତେବେ ନିଗମ ଅଧିକାରୀଙ୍କ ଏଭଳି ଏକଚାଟିଆ ମନୋମୁଖୀ ନିଷ୍ପତ୍ତି ନେଇ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଏବଂ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଏ ନେଇ ହସ୍ତକ୍ଷେପ କରିବାକୁ ମଞ୍ଚ ସଭାପତି ପାଢ଼ୀ ଅନୁରୋଧ କରିଛନ୍ତି। ଅନ୍ୟଥା ନାଗରିକ ମଞ୍ଚ ଏଭଳି ଅନ୍ୟାୟ ନିଷ୍ପତ୍ତି ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି। ସମ୍ମିଳନୀରେ ମଞ୍ଚର ସଙ୍ଗଠନ ସମ୍ପାଦକ ଆଇନଜୀବୀ ମନୋଜ ହାତୀ, ସମ୍ପାଦକ ଦୀପକ ସମ୍ପାଦାର, ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱାଭାବିକ ହେଲା ଯାତାୟାତ



ଖୁଣ୍ଟିଗୋରା,୯।୮ (ମକରନ୍ଦ ସାହୁ)

ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁରୁ ଲଣ୍ଡାବାହାଲ ମଝିରେ ଥିବା ସମଲେଶ୍ୱରୀ ନାଳରେ ବଢ଼ି ପାଣି ଆସିଥିଲା। ନାଳ ଉପରେ ନୂତନ ବ୍ରିଜ୍ ନିର୍ମାଣ ଚାଲିଥିବା ଯୋଗୁ ଲୋକେ ନାଳ ଉପରେ ଅସ୍ଥାୟୀ ରାସ୍ତା ଦେଇ ଯାତାୟାତ କରୁଥିଲେ। ହେଲେ ବଢ଼ିପାଣି ଆସିଥିବା ଯୋଗୁ ୨ ଦିନ ଧରି ଖୁଣ୍ଟିଗୋରା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। କଣ୍ଟାମାଳ ବିଡିଓ ସାମି ଜୟ ଶ୍ରୀ ରେଡି ରାସ୍ତା ପରିଦର୍ଶନ କରିଥିଲେ। ଶୁକ୍ରବାର ପାଣି କମିବା ପରେ ମାଟି ପକାଇ ଅସ୍ଥାୟୀ ରାସ୍ତାକୁ ପୁଣି ମରାମତି କରାଯାଇଛି। ଫଳରେ ୪୧୮ନଂ ରାଜ୍ୟ ରାଜପଥ କମଓଗାଁ ଖୁଣ୍ଟିଗୋରାକୁ ଯାତାୟତ ସ୍ୱାଭାବିକ ହୋଇଛି।

### ୧୫୦୦ ଲିଟର ପୋଚ ନଷ୍ଟକଲା ପୋଲିସ

ବୌଦ୍ଧ,୯।୪ (ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ପକ୍ଷରୁ ହରଭଙ୍ଗା ବ୍ଲକ ମଥୁରା ଗ୍ରାମର କୁଡାସାହିଠାରେ ଚଢାଉ କରାଯାଇ ୧୫୦୦ ଲିଟର ପୋଚ ସହିତ ୮୦ ଲିଟର ଦେଶୀମଦ ଜବତ କରିଥିବା ଜଣାଯାଇଛି। ଏହି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମଥୁରାଗ୍ରାମର କୁଡାସାହିଠାରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଶୁକ୍ରବାର ବୌଦ୍ଧ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ପୋଲିସକୁ ଦେଖି ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ବୌଦ୍ଧଥାନା ପୋଲିସ କେସ ନଂ. ୨୯୦/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଜଣାଯାଇଛି।

### କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ନିରାକରଣ କର୍ମଶାଳା



ବୌଦ୍ଧ,୯।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆକ୍ସନ ଏଡ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ଓ ନିର୍ଯ୍ୟତନାରୁ ସୁରକ୍ଷା ନେଇ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲା ପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆକ୍ସନ ଏଡର ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲା ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ, ପୋଲିସ ସବ୍-ଇନ୍ସପେକ୍ଟର ମନ୍ଦାକିନୀ କହ୍ନରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଶ୍ୱ ଆଦିବାସୀ ଦିବସ ପାଳିତ

ବିନିକା,୯।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ପଞ୍ଚାୟତ ନକଟାମୁଣ୍ଡା କଲ୍ୟାଣମଣ୍ଡପଠାରେ ନିଖିଳ ଉତ୍କଳ କୁଳିସ ସମାଜ ଓଡ଼ିଶା ଆନୁକୁଲ୍ୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମା' କରମସାନିଙ୍କଠାରେ ପୂଜାର୍ଚ୍ଚନା ପରେ ଆଦିବାସୀ ନୃତ୍ୟ ଗୀତର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସଭାପତି ଧନସିଂ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରଜ୍ୟ ସମ୍ପାଦକ ବାବୁଲାଲ ମେହେର, ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ମେହେର, ସୁବର୍ଣ୍ଣପୁର ଜିଲା ସଭାପତି ଆନନ୍ଦ ମେହେର, ସମ୍ପାଦକ ଦିଲିପ ମେହେର, ଉପସଭାପତି ସୁବାସ ମେହେର, ଆନନ୍ଦ ମେହେର, ସମ୍ବଲପୁର ଜିଲା ସଭାପତି ରଧେଶ୍ୟାମ ମେହେର, ବଲାଙ୍ଗୀର ଜିଲା ସଭାପତିଅକ୍ଷୟ ମେହେର, ସମ୍ପାଦକ ସଞ୍ଜୟ ମେହେର ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜନ ମେହେର, ସଭା ପରିଚାଳନା କରିଥିବା ବେଳେ ଦିଲିପ ମେହେର ଧନ୍ୟବାଦ ଦେଇଥିଲେ। ସଭାରେ ବରଗଡ, ସୁବର୍ଣ୍ଣପୁର, ବଲାଙ୍ଗୀର, ସମ୍ବଲପୁର ଜିଲାର ଶତାଧିକ ଜାତି ଭାଇ ଉପସ୍ଥିତ ଥିଲେ।

# ବସ୍ ଚଳାଚଳ ବନ୍ଦ, ଯାତ୍ରୀ ହନ୍ତସନ୍ତ

## ବିନା ଡାଇଭର୍ସନରେ ପୂର୍ତ୍ତ ବିଭାଗର ରାସ୍ତା କାମ

ଅମରପାଲି,୯।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ଅମରପାଲି ପୂର୍ତ୍ତ ବିଭାଗ ରାସ୍ତାର ମୁର୍ଷୁଣ୍ଡୀ ନିକଟ ରେ ମରାମତି କାମ ବେଳେ ଡ଼ାଇଭର୍ସନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। କୌଣସି ସୂଚନା ନ ଦେଇ ଏହି ରାସ୍ତାର ମରାମତି କାମ ହେଉଥିବାରୁ ବସ ଚଳାଚଳ ବନ୍ଦ ରହିଛି। ତେଣୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି।

ସୂଚନା ଅନୁସାରେ, ଏହି ରାସ୍ତାରେ ଏକ କଲଭର୍ଟ ଭାଙ୍ଗିଯାଇ ରାସ୍ତାରେ ଏକ ଗର୍ତ୍ତ ହୋଇଥିଲା। ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହାକୁ ମରାମତି କରାଯାଇ ନ ଥିଲା। ଫଳରେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉଥିଲା। ଏବେ ସେହି ସ୍ଥାନରେ ପୋଲ ପକାଇ ମରାମତି କରାଯାଉଛି। ଗତ ଗୁରୁବାର ଏହାର ଗୋଟିଏ ପାର୍ଶ୍ୱରେ କଂକ୍ରିଟକରଣ କରି ମରାମତି କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ରାସ୍ତାର ଅନ୍ୟ ପାର୍ଶରେ କଂକ୍ରିଟକରଣ କରାଯାଉଥିଲା। ତେବେ ଏନେଇ କୌଣସି ଡ଼ାଇଭର୍ସନ ଦିଆ ଯାଇ ନ ଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଏହା ଏକ ବ୍ୟସ୍ତବହୁଳ ରାସ୍ତା ଏହି ରାସ୍ତା ଦେଇ ସମ୍ବଲପୁର, ରେଢ଼ାଖୋଲ, ଯୁଯୁମୁରା, ଚାରମାଳ ଆଦି ଅଞ୍ଚଳକୁ ବସ ଚଳାଚଳ କରିଥାଏ। ଏବେ ରାସ୍ତା କାମ ହେଉଥିବାରୁ ବସ ଚଳାଚଳ ବନ୍ଦ ରହିଛି। ଏପରି କି ବୀରମହାରାଜପୁରରୁ ହିଲୁଙ୍ଗ, ମୁର୍ଷୁଣ୍ଡୀ ଦେଇ ଲୁତୁରପଙ୍କ, ବହଳପଦର ଓ ଦୁର୍ଜନତୈଲା ପଞ୍ଚାୟତକୁ ଯାତାୟତ କରୁଥିବା ଲକ୍ଷ୍ମୀ ବସ୍ ଚଳାଚଳ ବନ୍ଦ ରହିଛି। ଏହି ବସରେ ଯାତାୟତ କରୁଥିବା ଯାତ୍ରୀମାନେ ଏଠାକୁ ଆସି ଫେରୁଥିବା ଦେଖିବାକୁ ମିଳିଛି। ମୁର୍ଷୁଣ୍ଡୀ ଗାଁ ଭିତର ଦେଇ ଏକ ରାସ୍ତା ଥିବା ବେଳେ ବଡ ବଡ ଗାଡ଼ି ଓ ବସ ଯାଇ ପାରୁ ନାହିଁ। ତେବେ ନିୟମ ଅନୁସାରେ ରାସ୍ତା ମରାମତି ବେଳେ ଡ଼ାଇଭର୍ସନ ଦିଆଯିବାକୁ ଥିବା ବେଳେ ଏଠାରେ ଡ଼ାଇଭର୍ସନ ଦିଆ ନ ଯିବା ବିଭାଗର ଖାମଖିଆଲି ମନୋଭାବକୁ ପଦାରେ ପକାଇଛି । ଡ଼ାଇଭର୍ସନ ଦିଆ ଯାଇ ନ ଥିବା ବେଳେ ଏହି ରାସ୍ତାରେ ମରାମତି ହେଉ ହେଉ ଯଦି ଗାଡ଼ି ମୋଟର ଯାତାୟାତ କରେ ଏହା ଶୀଘ୍ର ନଷ୍ଟ ହେବାର ଆଶଙ୍କା ରହିଛି। ଏନେଇ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀପଞ୍ଚାନନ ଧନନଲିଆଙ୍କୁ ପଚାରିବାରେ ଡାଇଭର୍ସନ ଦେଇ କାମ କରିବାକୁ କହିଥିଲି ବୋଲି ପ୍ରକାଶ କରିବା ସହିତ ଉକ୍ତ କାମ ଆଜି ସରିଛି ବୋଲି ପ୍ରକାଶ କରିଛନ୍ତି।



ମୁର୍ଷୁଣ୍ଡିରେ ପୂର୍ତ୍ତ ବିଭାଗର ରାସ୍ତା ମରାମତି ହେଉଛି।

# ମରାମତି ହେଲା ଧୋଇ ଯାଇଥିବା ମେଣ୍ଡାମାଳ ରାସ୍ତା



ଧୋଇ ହୋଇ ଯାଇଥିବା ମେଣ୍ଡାମାଳ ରାସ୍ତାକୁ ମରାମତି କରାଯାଉଛି।

ଅମରପାଲି,୯।୮ (ପୀତାମ୍ବର ସାହୁ)

**ଧରିତ୍ରୀ ପ୍ରଭାବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ତ୍ରିବେଣୀ ଛକରୁ ମେଣ୍ଡାମାଳ ଦେଇ ବାରଝୁଲା-କର୍ଡାପାଲ ନିର୍ମାଣାଧୀନ ରାସ୍ତାର ମେଣ୍ଡାମାଳ ନିକଟରେ ରାସ୍ତା ଗତ ଲଗାଣ ବର୍ଷାରେ ଧୋଇ ହୋଇଯାଇଥିଲା। ରାସ୍ତାର ଅଧାରୁ ଅର୍ଦ୍ଧେକ ଅଂଶ ନଷ୍ଟ ହୋଇଯାଇଥିଲା। ଏଥିଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଏନେଇ ଗତ ଗୁରୁବାର ଦିନ ଦୈନିକ ଧରିତ୍ରୀରେ 'ଧୋଇଗଲା ମେଣ୍ଡାମାଳ ରାସ୍ତା' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ତରଫରୁ ତୁରନ୍ତ ଏହାର ମରାମତି କରାଯାଇଛି। ଧୋଇ ହୋଇଥିବା ଅଂଶରେ ବାଲି ବସ୍ତା ଦେଇ ମାଟି ପକାଯାଇଛି। ସୂଚନା ଅନୁସାରେ ବୀରମହାରାଜପୁର ତ୍ରିବେଣୀ ଛକରୁ ମେଣ୍ଡାମାଳ ଦେଇ ବାରାଝୁଲା, କର୍ଡାପାଲ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ତରଫରୁ ପ୍ରାୟ ୧୯ କୋଟି ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଥିଲା। ମେଣ୍ଡାମାଳ ନିକଟସ୍ଥ ବାଗଡିଆ ନାଳରେ ନୂତନ ପୋଲ ନିର୍ମାଣ ପାଇଁ କିଛି ଦିନ ପୂର୍ବରୁ ପୋଲର ଉଭୟ ପାର୍ଶ୍ୱର ଗାଡ଼ୱାଲକୁ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ଚଳିତ ଲଘୁଚାପଜନିତ ଲଗାଣ ବର୍ଷାରେ ଉକ୍ତ ବାଗଡ଼ିଆ ନାଳରେ ବନ୍ୟା ଆସି ରାସ୍ତାର ଉଭୟ ପାର୍ଶ୍ୱର ମାଟି ଧୋଇ ହୋଇଯାଇଥିଲା। ଏହା ସଂକୀର୍ଣ୍ଣ ହୋଇ ଯାଇଥିଲା। ଫଳରେ ରାସ୍ତାରେ ଚାରିଚକିଆ ଯାନବାହନ ଯାଇ ପାରୁ ନ ଥିବା ବେଳେ କେବଳ ଦୁଇଚକିଆ ଯାନ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟତ କରୁଥିଲା।

# ଶୃଙ୍ଖଳିତ ଆଚରଣ କରିବାକୁ ପରାମର୍ଶ




ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସୁବଳୟା ଯୁକ୍ତ ଦୁଇ କଲେଜରେ ପ୍ରବେଶ ଉତ୍ସବ

ଅମରପାଲି,୯।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ଯୁକ୍ତ ଦୁଇ କଲେଜରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଭୋଲାନାଥ କର୍ମୀ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ରମାକାନ୍ତ ପୁରୋହିତ, ସଞ୍ଜୟ କୁମାର ମେଣ୍ଡିଲି, ଅଧ୍ୟାପିକା ଅର୍ପିତା ନାୟକ ଓ ଦିଲିପ କୁମାର ମେହେର ଯୋଗଦେଇ ନୂତନ ଛାତ୍ରୀଛାତ୍ର ଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଭୋଲାନାଥ କର୍ମୀ ଛାତ୍ରୀଛାତ୍ର ଙ୍କୁ କଲେଜର ଶୃଙ୍ଖଳା ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକମାନେ କଲେଜର ବିଭିନ୍ନ ବିଭାଗ, ଯୁକ୍ତ ଦୁଇ ପାଠ୍ୟକ୍ରମ, ଶୈକ୍ଷିକ ତଥା ଅଣ ଶୈକ୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପାଠପଢା ସହିତ କ୍ୟାମ୍ପସରେ ଶୃଙ୍ଖଳିତ ଆଚରଣ ଦ୍ୱାରା ସମସ୍ତଙ୍କ ପ୍ରିୟପାତ୍ର ହୋଇ ସଫଳତା ହାସଲ କରିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭ ରେ କଲେଜର ପୁରାତନ ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ କଲେଜର ସମସ୍ତ ନୀତି ନିୟମକୁ ମାନି ଶୃଙ୍ଖଳିତ ଭାବେ ପାଠ ପଢ଼ିବାକୁ ନୂତନ ଛାତ୍ରୀଛାତ୍ରମାନେ ସଂକଳ୍ପ ନେଇଥିଲେ। ଅଧ୍ୟାପକ ଦେବାଶିଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଯୁକ୍ତ ଦୁଇ କଲେଜର ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବୌଦ୍ଧ,୯।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଝାଡରାଜିଙ୍ଗ ନର୍ସରୀ ସାହିରେ ଶୁକ୍ରବାର ସକାଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡରାଜିଙ୍ଗ ନର୍ସରୀ ସାହିର ବାପି ବେହେରା (୩୯) । ପୁରୁଣାକଟକ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବାପି ପୂଜା କରିବାକୁ ପୂଜା ଘରକୁ ଯାଇଥିଲେ। ସୁଇଚ ଦେବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁରୁଣାକଟକ ମେଡିକାଲକୁ ନିଆଯାଇଥିଲା। ପରେ ତାଙ୍କୁ ବୌଦ୍ଧକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁଇ ବାଇକ୍ ମୁହାମୁହିଁ ଧକ୍କା: ୩ ଆହତ

ଅମରପାଲି,୯।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଭୁଦୋବର ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଯାମପାଲି ଗାଁର ଶତ୍ରୁଘ୍ନ ମହାକୁଡ଼ ଏକ ବାଇକ୍ (ନଂଓଡ଼ି ୩୧ ଏଲ ୧୦୨୯ )ରେ ବୀରମହାରାଜପୁର ପଟୁ ଆସୁଥିବା ବେଳେ ଗୌଡକିଲା ଗ୍ରାମରଅନୁଭବ ଜଗଦଲ୍ଲା ଓ ତାଙ୍କ ମା' ପାର୍ଥବୀ ଜଗଦଲ୍ଲା ସୁବର୍ଣ୍ଣପୁର ପଟୁରୁ ଏକ ବାଇକ୍ (ନଂଓଡି ୩୧ କେ ୮୮୧୫ )ରେ ଯାଉଥିଲେ । ତେବେ ଭାରସାମ୍ୟ ହରାଇ ଭୁଦୋବର୍ ସ୍କୁଲ ଆଗରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଛିଟିକି ରାସ୍ତା କଡ଼ରେ ପଡ଼ିଥିଲେ। ଗ୍ରାମବାସୀ ତିନି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# କାଦୁଅ ରାସ୍ତାରେ ତଳି ଲଗାଇ ପ୍ରତିବାଦ

ବଘିଆପଡ଼ା,୯।୮ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତ ଦୁଡୁଗୁଛାରୁ ଗୁଡ଼ବହାଲି ରାସ୍ତା ଲଗାଣ ବର୍ଷାରେ ଶୋଚନୀୟ ହୋଇପଡିଛି। କାଦୁଅ ପଚପଚ ରାସ୍ତାରେ ଗାଡି ଗଡ଼ିବା ତ ଦୂରର କଥା ପାଦରେ ଚାଲିକି ଯିବା କଷ୍ଟକର ହୋଇପଡୁଛି। ତଥାପି ବାଧ ହୋଇ ସେହି ରାସ୍ତାରେ ବିପଦସଙ୍କୁଳ ଭାବେ ଯିବାଆସିବା କରୁଛନ୍ତି ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ। ଏହି ରାସ୍ତା ମରାମତି ପାଇଁ ପୂର୍ବରୁ ଗାଁ ଲୋକେ ବାରମ୍ବାର ପଞ୍ଚାୟତଠୁ ନେଇ ଜିଲା ପ୍ରଶାସନ ନିକଟରେ ଗୁହାରି କରିସାରିଛନ୍ତି । ହେଲେ କିଛି ସୁଫଳ ମିଳୁନାହିଁ। ଶେଷରେ ବାଧ ଶୁକ୍ରବାର ଗ୍ରାମବାସୀ କାଦୁଅ ରାସ୍ତାରେ ତଳି ରୋଇ ଅଭିନବ ପ୍ରତିବାଦ କରିଛନ୍ତି। ଗୁଡ଼ବାହଲି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ରାସ୍ତା ୨୫ବର୍ଷ ପୂର୍ବେ ଥରୁଟିଏ କାମ ହେଇଥିଲା। ସେହିଦିନଠାରୁ ଆଉ କାମ ହୋଇନାହିଁ। ଏହି ରାସ୍ତା ଉପରେ ପ୍ରାୟ ୧୦ଟି ଗ୍ରାମର ଲୋକ ଯିବା ଆସିବା କରୁଛନ୍ତି। ବଡ କଥା ହେଉଛି କାଦୁଅ ରାସ୍ତା ଯୋଗୁ ଗାଁ ଭିତରକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ। ରୋଗୀଙ୍କୁ ପ୍ରାୟ ୧୦ କିଲୋମିଟର ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ନେବାକୁ ପଡିଥାଏ। ଆଗାମୀ ଦିନରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟ ହାତକୁ ନିଆ ନ ଗଲେ ବୌଦ୍ଧ ବ୍ଲକରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ମହିଳାମାନେ କାଦୁଅ ରାସ୍ତାରେ ଧାନଚଲି ରୋଉଛନ୍ତି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଖୁଣ୍ଟିଗୋରା,୯।୮ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଉଡେର ଗ୍ରାମର କର୍ଣ୍ଣ ଭୋଇଙ୍କ ମାଟି ଘର ଲଗାଣ ବର୍ଷା ଯୋଗୁଁ ଭାଙ୍ଗିଯାଇଛି। ଫଳରେ କର୍ଣ୍ଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ରାଜସୱ ନୀରିକ୍ଷକ ଏହାର ତଦନ୍ତ କରି ତୁରନ୍ତ ଏକ ପଲିଥିନ ସହ ସରକାରୀ ସହାୟତା ଯୋଗାଇ ଦେବାକୁ କର୍ଣ୍ଣଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି ।



କର୍ଣ୍ଣ ଭୋଇଙ୍କ ଭାଙ୍ଗିଯାଇଥିବା ମାଟି ଘର।

# ଜିଲାପାଳ ଜେ.ସୋନାଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୌଦ୍ଧ,୯।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳ ଜେ.ସୋନାଲଙ୍କ ଜଗତସିଂହପୁର ବଦଳି ହୋଇଛି। ଏହି ଅବସରରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଜେ. ସୋନାଲଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ବିଦାୟୀ ଜିଲାପାଳ ସୋନାଲଙ୍କ କାର୍ଯ୍ୟଦକ୍ଷତା,ସଫଳତାର ସହିତ ନିର୍ବାଚନ ପରିଚାଳନା, ଲୋକଙ୍କ ସମସ୍ୟା ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନ ଓ ସୁଚିସ୍ମିତା ବେହେରା ଜିଲାପାଳ ସୋନାଲଙ୍କ ଦିଗଦର୍ଶନରେ ସରକରୀ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହିତ ନିଜର ଦାୟିତ୍ୱ ସମ୍ପାଦଦ କରିଥିବା ନେଇ ପ୍ରକାଶ କରିଥିଲେ। ଜିଲାପାଳ ସୋନାଲ ନିଜର ବିଦାୟୀ ଅଭିଭାଷଣରେ ଜିଲାରେ ସ୍ୱଳ୍ପଦିନର କାର୍ଯ୍ୟ ମଧ୍ୟରେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ବୈଠକରେ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




# ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ମହାନ୍

## ସୁବର୍ଣ୍ଣପୁରରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ସୋନପୁର,୯।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ନୂତନ ଟାଉନ ହଲଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳନ କରାଯାଇଛି। ଏହି ଅବସରରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହେବା ପରେ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରି ପାରମ୍ପରିକ ନୃତ୍ୟ ଗୀତ ଓ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଟାଉନ ହଲରେ ପହଞ୍ଚି ଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗୀନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଟାଉନ ହଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିଧାୟକ ତାଙ୍କ ବକ୍ତବ୍ୟରେ ପ୍ରକୃତି କୋଳରେ ଆଦିବାସୀଙ୍କ ଜୀବନ ଜୀବିକା ଉପରେ ଆଲୋଚନା କରିଥିଲେ। ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ମହାନ। ଏହି ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମ କରୁଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଭୁଏ, ଆଇନଜୀବୀ ରାଧାକାନ୍ତ ମହାକୁର, ସଂଘର ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ଭାଗିରଥି ମୁଣ୍ଡା, ସାହେବ ଭୁଏ, ସଭାପତି, ନନ୍ଦନ ବାରିକ, ଯୋଗୀନ୍ଦ୍ର ମିର୍ଦ୍ଧା, ଭଲଭଦ୍ର କଅଁର, ବିରଞ୍ଚି କଅଁର, ସୁରେଶ କୁମାର ଭୋଇ, କରନଜିତ ଭୋଇ ଯୋଗଦାନ କରି ବିଶ୍ୱ ଆଦିବାସୀ ଦିବସ ଉପରେ ଆଲୋଚନା କରିଥିଲେ। ଏହି ଦିବସକୁ ସରକାରୀ ଛୁଟି ଘୋଷଣା କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଆଦିବାସୀ ମାନଙ୍କର ଅଧିକାରକୁ ହାତେଇବାକୁ ହେଲେ ସଂଗଠିତ ହେବାକୁ ପଡିବ ବୋଲି ଆଲୋଚନା ହୋଇଥିଲା। ସଭା ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଞ୍ଜପାଲିର ଶ୍ରୀ ଶ୍ରୀ ବୁଢାଦେଓ ନୃତ୍ୟ ଗ୍ରୁପ, ତରଭା ବ୍ଲକର ସାଧବ କଅଁର ଓ ସାଥି, ଉଲୁଣ୍ଡା ବ୍ଲକର ସିଂହପାଲି ସାଂସ୍କୃତିକ ଦଳ ଏବଂ ଗୋବିନ୍ଦପୁର ସଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ରୋହିତ କଅଁର ସ୍ୱାଗତ ଭାଷଣ ଓ ମକୁନ୍ଦ ଧରୁଆ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଦିବାସୀ କଲ୍ୟାଣ ସଂଘର ସମ୍ପାଦକ ଲମ୍ବୋଦର ଧରୁଆ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ମାନେ ସାମିଲ ହୋଇଥିଲେ। ପଦ୍ମନାଭ ଧରୁଆ, ନରୋତ୍ତମ ଆଡବାଙ୍କ, ବରୁଣ ଭୋଇ, ଶୁକଦେବ ମଲ୍ଲିକ, ପ୍ରମୋଦ ଭୋଇ, କପୁରଚନ ଭୋଇ ଓ ବଳରାମ କୁମୁରା ପ୍ରମୁଖ ସହଯୋଗ କରିଥିଲେ ।




ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ବିଧାୟକ ଓ ସଂଘର କର୍ମକର୍ତ୍ତା।

## ସଂକ୍ଷେପରେ

### ବିଷାକ୍ତ ସାପ କାମୁଡାରେ ଶିଶୁ ମୃତ

**ଲହୁଣୀପଡା,୯।୮(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁରଡ଼ା ପଞ୍ଚାୟତର ଟାଙ୍କଯୋଡ଼ା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡାରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ ଅମର ମୁଣ୍ଡା(୮)। ସୂଚନା ଅନୁସାରେ, ଲହୁଣୀପଡା ବ୍ଲକ କୁର୍ଡା ପଞ୍ଚାୟତ ଟାଙ୍କଯୋଡା ଗ୍ରାମର ଫକିରମୁଣ୍ଡାଙ୍କ ପରିବାର ଲୋକେ ଖାଇ ସାରି ଶୋଇ ଥିଲେ। ଫକିରମୁଣ୍ଡାଙ୍କ ଦୁଇ ପୁଅ କାହ୍ନା ମୁଣ୍ଡା ଓ ସାନ ପୁଅ ଅମର ମୁଣ୍ଡା(୮) ଗୋଟିଏ ଖଟରେ ଶୋଇଥିଲେ। ରାତି ପ୍ରାୟ ୧୨ ଟା ବେଳେ କାହ୍ନା ଉଠି ସାନ ଭାଇ ଅମରଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ବାପା ମା'ଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ଅମରଙ୍କୁ ତୁରନ୍ତ ବଣେଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଶୁକ୍ରବାର ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କୁଆଁରମୁଣ୍ଡାରେ ୭୦ ଜଣଙ୍କ ଚକ୍ଷୁ ପରୀକ୍ଷା

**କୁଆଁରମୁଣ୍ଡା,୯।୮(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ପ୍ରାୟ ୭୦ ଚକ୍ଷୁ ରୋଗୀ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଛନ୍ତି। ବର୍ମା ହସ୍ପିଟାଲର ଡା. କୁନାଲ ବର୍ମା ଚକ୍ଷୁ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ପ୍ରମୁଖ ଅଂଶ ଗ୍ରହଣ କରି ଉଦ୍‌ଘାଟନ କରିଥିଲେ। କୁଆଁରମୁଣ୍ଡା ଏସ୍‌ଏଚ୍‌ଜି ପକ୍ଷରୁ ଏମ୍‌ବିକେ ରୁମା ପରିଡ଼ା ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଟ୍ରାନ୍ସଫର୍ମର ଚୋରି, ଅନ୍ଧାରରେ ପଡ଼ାବାସୀ

**ବାଲିଶଙ୍କରା,୯।୮( ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ବନ୍ଧବାହାଲ ରଜକପଡାରେ ଥିବା ୧୬ କେଭି ଟ୍ରାନ୍ସଫର୍ମର ଚୋରି ହୋଇଯାଇଛି। ୫ ଦିନ ହେବ ପଡାର ୩୦ ପରିବାର ଅନ୍ଧାରରେ ରହୁଥିବା ଅଭିଯୋଗ କରିଛନ୍ତି। ବର୍ଷା ଦିନ ହୋଇଥିବାରୁ ରାତିରେ ସାପ ଭୟ ଏବଂ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧାପ୍ରାପ୍ତ ହେଉଛି। ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ନୂତନ ଟ୍ରାନ୍ସଫର୍ମର ଲଗାଇବାକୁ ପଡାବାସୀ ଦାବି କରିଛନ୍ତି।



ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀ।

# ଆଦିବାସୀ ପ୍ରକୃତିର ସୁରକ୍ଷାକାରୀ, ମିତ୍ର

**ରାଜଗାଙ୍ଗପୁର,୯।୮(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ସସ୍ମିତା ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ମିଳିତ ସହଯୋଗରେ ଏହି ଦିବସ ପାଳିତ ହୋଇଥିଲା। ପ୍ରଥମେ କ୍ରାନ୍ତିକାରୀ ଭାରତର ବୀରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣକରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷା ବିଭାଗର ଅଧ୍ୟାପିକା ସନ୍ଧ୍ୟାରାଣୀ କୋଲେ ଦେଶର କ୍ରାନ୍ତିକାରୀ ବୀର ପୁରୁଷଙ୍କ ପରି ଦେଶ ସ୍ୱାର୍ଥ ପାଇଁ ତତ୍ପର ରହିବା ପାଇଁ ଆହ୍ୱାନ ଦେଇଥିଲେ। ରସାୟନ ବିଜ୍ଞାନର ବିଭାଗୀୟ ମୁଖ୍ୟା କୁସୁମ ବୁଡ଼ ଦେଶ ସ୍ୱାଧୀନ ପାଇଁ ହୋଇଥିବା ଅନେକ କ୍ରାନ୍ତି ବିଷୟରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟା ସରୋଜିନୀ ଏକ୍କା ସମସ୍ତେ ପ୍ରକୃତିର ସୁରକ୍ଷା ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ହିନ୍ଦୀ ବିଭାଗୀୟ ମୁଖ୍ୟ ଡ. ଭୂଷଣ ପୁଆଲା ଆଦିବାସୀଙ୍କ ସଂସ୍କୃତି, ଚାଲିଚଳନ ଓ ଜୀବନଶୈଳୀକୁ କବିତା ମାଧମରେ ଉପସ୍ଥାପନ କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ସୁକାନ୍ତ କୁମାର ଖାଲ୍‌ଖୋ ଆଦିବାସୀଙ୍କ ଅଧିକାର ବିଷୟରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସପନ କୁମାର ପଣ୍ଡା ଆଦିବାସୀମାନେ ପ୍ରକୃତିର ସୁରକ୍ଷାକାରୀ ଓ ମିତ୍ର ଏବଂ ସରଳତା,ସ୍ନେହୀ,କର୍ମୀ ଆଦି ଭାବ ଆଦିବାସୀଙ୍କର ପ୍ରତୀକ ବୋଲି କହିଥିଲେ। ଅଧକ୍ଷା ଡ. ସସ୍ମିତା ଲେଙ୍କା ଆଦିବାସୀଙ୍କର ସାମାଜିକ, ଅର୍ଥନୀତିକ, ରାଜନୀତିକ ବିକାଶ କରିବା ସହ ତାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନଶୈଳୀ ଗଢିତୋଳିବାକୁ କହିଥିଲେ। ସଭାକାର୍ଯ୍ୟ ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀ ତଥା ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

## ଏକମା ଯୁକ୍ତ ୨ କଳା ମହାବିଦ୍ୟାଳୟ ଉଦ୍‌ଘାଟିତ

**ବଡ଼ଗାଁ,୯।୮(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଉପାନ୍ତ ଅଞ୍ଚଳରେ ଥିବା ଏକମା ଗ୍ରାମରେ ଚଳିତ ବର୍ଷ ନୂତନ ଭାବେ ଖୋଲିଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶୁକ୍ରବାର ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହାସହ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବ ବିଦ୍ୟାଳୟର ପ୍ରତିଷ୍ଠାତା ସନ୍ତୋଷ ପୁରୋହିତ, ବ୍ଲକ ମଙ୍ଗଳ ଅଧିକାରୀ ଦିଲୀପ ମାଝୀ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ରାଉରକେଲା ସରକାରୀ ମହାବିଦ୍ୟାଳୟର ପ୍ରଧାପକ ରଶ୍ମୀରଞ୍ଜନ ରାଉତ, ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମଣ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ କ୍ଷିରୋଦ ବାରିକ ସଭା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମୁଖ୍ୟ ଅତିଥିଙ୍କ ସହିତ ଅନ୍ୟାନ୍ୟ ଅତିଥି।

**ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେଶ ମାଝୀ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୁକ୍ତା ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଷ୍ଠାତା ସଦସ୍ୟମାନେ ସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବି କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ସଂଧାରାଣୀ ପତି, ରାମେଶ୍ୱର ରାୟ, ଖେଳ ଶିକ୍ଷକ ଗଣେଶ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ସାହୁ, ଶଶିଧର ସୁନ୍ୟାନୀ, ସଞ୍ଜିତା କୁଜୁର, ଧୃତି ସୁନ୍ଦର ସାହୁ, ରୋଡେକ୍ସ କୁମାର ଏକ୍କା, ଅନିରୁଦ୍ଧ ବେହେରାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ନୂତନ ଛାତ୍ରୀ ନିକିତା ଏକ୍କା, ନବୀନ କୁମାର ଲାକ୍ରା ଅତିଥି ଅଧାପକ ରଶ୍ମିତା ଏକ୍କା ପ୍ରମୁଖ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଉପ ବାଚସ୍ପତି ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଏକମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଡ଼ଗାଁ ବ୍ଲକର ଉପାନ୍ତ ଅଞ୍ଚଳରେ ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଫିରୋଜ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଉପ ବାଚସ୍ପତି ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ସ୍କୁଲ ପରିସରରେ ୨ଟି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ହାଇସ୍କୁଲର ସମସ୍ତ ଶିକ୍ଷକମାନେ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ।

## ବ୍ରହ୍ମାକୁମାରୀଙ୍କ ନିଶାମୁକ୍ତ ଭାରତ ଅଭିଯାନ

**ସୁନ୍ଦରଗଡ,୯।୮(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଗୁରୁବାର ସୁନ୍ଦରଗଡ ମୁଖ୍ୟ ଡାକଘର କାର୍ଯ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଡାକଘର କାର୍ଯ୍ୟାଳୟର ବରିଷ୍ଠ ଅଧୀକ୍ଷକ ଜୟନ୍ତ କୁମାର ଦାସ ଯୋଗଦେଇ ଆଧାତ୍ମିକ ମାର୍ଗରେ ନିଶାମୁକ୍ତ ଭାରତ ଅଭିଯାନ ସହିତ ସଂସ୍କାର ଦ୍ୱାରା ଜୀବନରେ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ। ବ୍ରହ୍ମାକୁମାରୀ ସେବା କେନ୍ଦ୍ର ସଂଚାଳିକା ରାଜଯୋଗୀନୀ ବ୍ରହ୍ମା କୁମାରୀ ଜ୍ୟୋସ୍ନା ଯୋଗ ଦେଇ ସ୍ୱର୍ଣ୍ଣିମ ଭାରତ ସହିତ ନିଶାମୁକ୍ତ ଭାରତ ଉପରେ ଆଲୋକପାତ କରିଥିଲେ। ବ୍ରହ୍ମାକୁମାର ବାଣେଶ୍ୱର ସୁବୁଦ୍ଧି ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଭାରତକୁ ନିଶାମୁକ୍ତ ରାଜ୍ୟରେ ପରିଣତ ପାଇଁ ସମସ୍ତଙ୍କୁ ସଂକଳ୍ପ କରାଇଥିଲେ। ସଂସ୍ଥାର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

## ପୁଣି ସୀମାନ୍ତରୁ ୩ ଜୀବନ୍ତ ଆଇଇଡି ଜବତ

**ରାଉରକେଲା,୯।୮(ସଙ୍ଗୀତା ଜେନା)**

ଓଡ଼ିଶା ଝାଡଖଣ୍ଡ ସୀମାନ୍ତରେ ଶୁକ୍ରବାର ଅପରାହ୍ନରେ କୋମ୍ବିଂ ଅପରେଶନ ସମୟରେ ପୁଣି ୩ଟି ଜୀବନ୍ତ ଆଇଇଡ଼ି ଜବତ ହୋଇଥିବା ସିଆର୍‌ପିଏଫ୍ ସୂଚନା ପ୍ରଦାନ କରିଛି। ଗୁରୁବାର ବ୍ଲାଷ୍ଟ ସ୍ଥାନରୁ କିଛି ଦୂରରେ ଏହି ୩ଟି ଆଇଇଡ଼ିକୁ ଜବତ କରାଯାଇଛି। ଛୋଟାନାଗରା ଓ ଜରେଇକେଲା ଥାନା ସୀମାବର୍ତ୍ତୀ ଗମହାରୀଗଡ଼ ରୋଗାବୁରୁ ଜଙ୍ଗଲ ନିକଟରେ ସୁରକ୍ଷାବଳ କୋମ୍ବିଂ ଅପରେଶନ୍ କରୁଥିଲେ। ୫ କେଜି ଲେଖାଏଁ ଓଜନର ଏହି ୩ଟି ଆଇଇଡ଼ିକୁ ଜବତ କରି ବମ୍ ସ୍କ୍ୱାର୍ଡ ସହଯୋଗରେ ନଷ୍ଟ କରିଦିଆଯାଇଛି। ମାଓବାଦୀ ଶୀର୍ଷନେତାଙ୍କ ସକ୍ରିୟତା ନେଇ ଅଞ୍ଚଳରେ କୋମ୍ବିଂ ଜୋରଦାର କରାଯାଇଛି। ଏହାକୁ ଲକ୍ଷ୍ୟ କରି ମାଓବାଦୀମାନେ ସହଜରେ ସୁରକ୍ଷାବଳଙ୍କ ପାଇଁ ପ୍ରାଣଘାତୀ ଆଇଇଡ଼ି ଗୁଡ଼ିକ ବିଭିନ୍ନ ଜଙ୍ଗଲ ରାସ୍ତାରେ ଖଞ୍ଜୁଥିବା ଦେଖାଯାଇଛି।

## ଟେନ୍‌ସା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ଟେନସା,୯।୮(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଟେନସା ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଟେନସା ଜନମଙ୍ଗଳ କେନ୍ଦ୍ରରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଟେନସା ସରପଞ୍ଚ ଅନୀତା ପୂର୍ତ୍ତି ମୁଖ୍ୟ ଅତିଥି, ଟେନସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ୭ଦିନ ଧରି ଚାଲିବ । ପ୍ରଥମ ମ୍ୟାଚ ସୁନିଲ କର ଓ ଜଟିଆ ବେହୁରିୟାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନିଲ କର ବିଜୟୀ ହୋଇଥିଲେ। ଏହି ଟୁନାମେଣ୍ଟରେ ୩୬ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି । ଆସନ୍ତା ୧୫ତାରିଖରେ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକ ରାମ ପ୍ରକାଶ ଜୟସ୍ୱାଲ, ରାଜେଶ ମିଶ୍ର, ରମେଶ ଚନ୍ଦ୍ର ମୁଳି, ଚିତ୍ତରଞ୍ଜନ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ଟେନସା ବ୍ୟାଡମିଣ୍ଟନ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସ ପାଳିଲା କ୍ରାନ୍ତି ଦିବସ

**ରାଉରକେଲା,୯।୮(ସଙ୍ଗୀତା ଜେନା)**

ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ସେକ୍ଟର-୨୧ କାର୍ଯ୍ୟାଳୟରେ ଶୁକ୍ରବାର କ୍ରାନ୍ତି ଦିବସ ପାଳିତ ହୋଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା ଜୈନ କୁମାର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଭାପତି ରବି ରାୟ, ସାବିର ହୁସେନ୍, ଦେବବ୍ରତ ବିହାରୀ, ସରୋଜ ଲେଙ୍କା, ଆଶିଷ ମହାନ୍ତି, ରାଜେଶ ଟପ୍ପୋ, ଏସ୍. କେ. ଫିରଦୌସ, ପ୍ରଶାନ୍ତ ନାୟକ, ଭୀମ ମହତୋ, ଧୁସା ନାୟକ, ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା।

## ଦେବାଂଶୀଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ



ସୁନ୍ଦରଗଡ଼ ବିଧାୟକ ଦେବାଂଶୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ସୁନ୍ଦରଗଡ,୯।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ପୌରାଞ୍ଚଳର ୧୭ ନମ୍ବର ୱାର୍ଡ ଲୁହୁରାଢ଼ିପା ବାସିନ୍ଦା ବ୍ୟବସାୟୀ ବେଦ ପ୍ରକାଶ ସାହୁ ଏବଂ ଶିକ୍ଷୟିତ୍ରୀ ଦିପ୍ତିମୟୀ ସାସମଲଙ୍କ ସାଢେ ୪ବର୍ଷର କୁନିଝିଅ ଦେବାଂଶୀ ସାହୁ ନିଜର ବିଚକ୍ଷଣ ପ୍ରତିଭା ପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ଏହି କୁନି ପ୍ରତିଭାଙ୍କୁ ସ୍ଥାନୀୟ ବିଧାୟକ ଯୋଗେଶ୍ୱର କୁମାର ସିଂହ ଶୁକ୍ରବାର ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି। ଏତେ କମ୍ ବୟସରୁ ସଂସ୍କୃତ ଶ୍ଳୋକ ହେଉ କି ଗଣିତ କିମ୍ବା ଇଂରାଜୀ, ନର୍ସରୀ ମିତ୍ରାକ୍ଷର କବିତା, ହିନ୍ଦୀ, ୨୮ଟି ରାଜ୍ୟର ରାଜଧାନୀର ନାମ ଦେଶ ବିଦେଶର ସାଧାରଣ ଜ୍ଞାନ, ପରିପୂରକ ଶବ୍ଦ ସହ ଆହୁରି ଅନେକ କଥା ଜିଭ ଆଗରେ ଅଛି। ପଚାରିବା ମାତ୍ରେ ସାଙ୍ଗେ ସାଙ୍ଗେ ଉତ୍ତର କହିଦେଉଛି। ବିଧାୟକ ଯୋଗେଶ କୁମାର ସିଂହ ସହିତ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜିଲା ପରିଷଦ ସଦସ୍ୟ ଅଶ୍ୱିନୀ ନାଏକ ଏବଂ ଲାଲ ଶଙ୍କର ପତି ଲୁହୁରାଢ଼ିପା ସ୍ଥିତ ଦେବାଂଶୀଙ୍କ ଘରକୁ ଯାଇ ତାଙ୍କୁ ପୁଷ୍ପଗୁଚ୍ଛ ସହିତ ଶିକ୍ଷଣୀୟ ପୁସ୍ତକ ପ୍ରଦାନ କରି ଦେବାଂଶୀ ଓ ତାଙ୍କର ମା' ବାପାଙ୍କୁ ଉତ୍ସାହିତ କରିଛନ୍ତି।

## ସୁନ୍ଦରଗଡ଼ କଲେଜରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ,୯।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗୁରୁବାର ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ଜିଲା ଅଧିକାରୀ ସୁଶାନ୍ତ କୁମାର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଂଯୋଜକ ଚିନ୍ମୟ ମହନ୍ତ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇ ଫାଇଲେରିଆ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ କହିଥିଲେ। ସ୍ୱେଚ୍ଛାସେବୀ ଛାତ୍ରୀ ଅଶ୍ଳେଷା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଶିବ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅନିତା କୁମାରୀ ପରଜା ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ଏସ୍‌ଆଇ, ୧୭ ଏଏସ୍‌ଆଇଙ୍କ ବଦଳି

**ରାଉରକେଲା,୯।୮(ସଙ୍ଗୀତା ଜେନା)**

**ରାଉରକେଲା ପୋଲିସ ଜିଲା**

ରାଉରକେଲା ପୋଲିସ ଜିଲାରେ ୬ଜଣ ଏସ୍‌ଆଇ ଓ ୧୭ ଜଣ ଏଏସ୍‌ଆଇଙ୍କ ବଦଳି ହୋଇଥିବା ସୂଚନା ମିଳିଛି। ରାଉରକେଲା ପୋଲିସ ଜିଲା ଓ କେନ୍ଦୁଝର ପୋଲିସ ଜିଲା ମଧ୍ୟରେ ଏହି ବଦଳି ସୀମିତ ରହିଛି। ଏସ୍‌ଆଇ ରବିନାରାୟଣ ପରିଡ଼ା, ନରେନ୍ ପାଣି, ହରିଶଙ୍କର ନାଏକ, ଫଣି ଭୂଷଣ ମହାନ୍ତ ପ୍ରମୁଖ ୪ ଜଣ ଏସ୍‌ଆଇଙ୍କ ବଦଳି ରାଉରକେଲା ପୋଲିସ ଜିଲାକୁ ହୋଇଛି। ସେହିପରି କିଶୋର ଚନ୍ଦ୍ର ପାତ୍ରଙ୍କ ରାଉରକେଲାର କେନ୍ଦୁଝର ଓ ବିଜୟ ରାଉତଙ୍କ ବଦଳି ସୁନ୍ଦରଗଡ଼ରୁ ରାଉରକେଲା ହୋଇଛି। ଏଏସ୍‌ଆଇ ସ୍ତରରେ ଆଲୋକ ନାୟକ, ଶଙ୍କର କିଷାନ, ଧର୍ମେନ୍ଦ୍ର ମହାପାତ୍ର, ବିରଞ୍ଚି ନାରାୟଣ ସିଂହ, ବାସନ୍ତୀ ପ୍ରଧାନ, ଲଲନ ସେଠୀ, ଜିତେନ୍ଦ୍ର ବିଶ୍ୱାଳ, ଭଗତ ନାଏକ, ମଦନମୋହନ ପ୍ରଧାନ, ପ୍ରଦୀପ ପ୍ରଧାନ ପ୍ରମୁଖଙ୍କୁ କେନ୍ଦୁଝରରୁ ରାଉରକେଲାକୁ ବଦଳି ହୋଇଛି। ସେହିପରି କଳାକାର ମାଝୀ, ବିଜୟ ଖଟୁଆ, ସମରକେଶରୀ ମିଶ୍ର, ଦେବେନ୍ଦ୍ର ମୁଣ୍ଡା, ତାମଲ ନାଏକ ପ୍ରମୁଖ ଏଏସ୍‌ଆଇଙ୍କ ରାଉରକେଲାରୁ କେନ୍ଦୁଝରକୁ ବଦଳି ହୋଇଛି। ମନୋଜ ତ୍ରିପାଠୀଙ୍କୁ କେନ୍ଦୁଝରରୁ ସୁନ୍ଦରଗଡ ତଥା ଜିତେନ୍ଦ୍ର ମହାପାତ୍ରଙ୍କୁ ସୁନ୍ଦରଗଡ଼ରୁ ରାଉରକେଲାକୁ ବଦଳି କରାଯାଇଛି।

## ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

**ସୁନ୍ଦରଗଡ଼,୯।୮(ଜୟ ନାରାୟଣ ମେଣ୍ଡୁଲି)**



ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଉପସ୍ଥିତ ଛାତ୍ରୀ।

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସଞ୍ଜିତା ଅଭିଜିତା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଗଙ୍ଗାଧରଙ୍କ ଜୀବନୀ ସମ୍ବନ୍ଧୀୟ ବିଭିନ୍ନ କଥା ଛାତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ନୂତନ ଖମାରୀ ଯୋଗଦେଇ ନିଜର ବକ୍ତବ୍ୟ ମାଧମରେ ଗଙ୍ଗାଧରଙ୍କ ଜୀବନୀ ଓ ସାହିତ୍ୟ କୃତି ଏବଂ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଅମିତା ପ୍ରିୟଦର୍ଶିନୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଧାପକ ସୌରଭ ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର କୀର୍ତ୍ତିଦା ସିଂ ବରିହା,ଅଧ୍ୟାପିକା ପ୍ରଜ୍ଞା ରଣା ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଚିତ୍ତରଞ୍ଜନ ବାରିକ ସ୍ୱଭାବ କବିଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ ମନସୀ ସା, ପୁନମ ଭିତିରିଆ, ରିମା ବାରିକ, ମନୀଷା ଭୋଇ, ଟେଷ୍ଟିପ୍ରିୟା ସାହୁ, ଅରୁନ୍ଧତୀ ବାରିକ ବକ୍ତୃତାରେ ଏବଂ କବିତାରେ ଅନୁପମା ପ୍ରଧାନ, ଅର୍ପିତା ପାତ୍ର,ତେଜସ୍ୱିନୀ ସା,ପ୍ରତିଭାର ପଧାନ ଓ ଜ୍ୟୋତି ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପକ ମାନସ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗଷ୍ଟ କ୍ରାନ୍ତି ଦିବସରେ ଗଣବିକ୍ଷୋଭ

**ରାଉରକେଲା,୯।୮(ସଙ୍ଗୀତା ଜେନା)**




ରାଉରକେଲା ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଅଗଷ୍ଟ କ୍ରାନ୍ତି ଦିବସ ଉପଲକ୍ଷେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନ୍ ପକ୍ଷରୁ ଶୁକ୍ରବାର ସାରା ଦେଶରେ ଶୋଭାଯାତ୍ରା ଓ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ରାଉରକେଲା ମହାନଗର ନିଗମ ଛକରୁ ଏକ ଶୋଭାଯାତ୍ରା ବାହାରି ଏଡିଏମ୍‌ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ୧୨ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆଇଏନଟିୟୁସି, ଏଆଇଆଟିୟୁସି, ଏଚଏମ୍‌ଏସ୍, ସିଟୁ, ଏଆଇସିସିଟିୟୁ, ଏଆଇୟୁଟିୟୁସି, ଏଲ୍‌ପିଏଫ୍, ଟିୟୁସିସି, ଜିଏମ୍‌ଏମ୍, ସିଅର ଆଦି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସରକାରଙ୍କ ଶ୍ରମନୀତିକୁ ବିରୋଧ, ଗଣତନ୍ତ୍ର ସମ୍ବିଧାନର ସୁରକ୍ଷା, କଳା ଶ୍ରମ ଆଇନ କୋର୍ଡ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ନୀତି ପ୍ରତ୍ୟାହାର, ରାଷ୍ଟ୍ରାୟତ୍ତ କମ୍ପାନୀର ଘରୋଇକରଣକୁ ବିରୋଧ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ଜିଲାରେ ଶ୍ରମ ଅଦାଲତ ସ୍ଥାପନ ଆଦି ୧୨ ଦଫା ଦାବି କରାଯାଇଥିଲା। ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଦିଗମ୍ବର ମହାନ୍ତିଙ୍କ ସମେତ ବିଭିନ୍ନ ଶ୍ରମ ସଙ୍ଗଠନର ଶତାଧିକ ନେତୃବୃନ୍ଦ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

**ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ**

ଝାରସୁଗୁଡ଼ା,(ସଞ୍ଜୟ ମାଲି): ଝାରସୁଗୁଡା ଜିଲା ଯୁବ କଂଗ୍ରେସ କମିଟି ପକ୍ଷରୁ ଭାରତୀୟ ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ କରାଯାଇଥିଲା। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନଙ୍କ ଦ୍ୱାରା ଯୁବ କଂଗ୍ରେସର ପତାକା ଉତ୍ତୋଳନ କରାଯାଇ ଯୁବକଂଗ୍ରେସ କର୍ମୀଙ୍କ ଦ୍ୱାରା ବୃକ୍ଷରୋପଣ ତଥା ବିଭିନ୍ନ ବ୍ୟକ୍ତିଙ୍କୁ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସ ସଭାପତିଙ୍କ ସମେତ ଜିଲା ଯୁବ କଂଗ୍ରେସର ପର୍ଯ୍ୟବେକ୍ଷକ, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁରଜ ବେହେରା, ଯୁବ କଂଗ୍ରେସର ଅନେକ କର୍ମୀ, ଜିଲା କଂଗ୍ରେସ ସଭାପତି ସୁବ୍ରତ ପ୍ରଧାନ, ଆଦର୍ଶ ଗାନ୍ଧୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଏଚ୍ଏଡିଟି ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ

ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ନୀଳବେର୍ଣ୍ଣୀ ସାହିସ୍ଥିତ ହରିଜନ ଆଦିବାସୀ ଡେଭେଲପମେଣ୍ଟ ଟ୍ରଷ୍ଟ (ଏଚଏଡିଟି) କାର୍ଯ୍ୟାଳୟରେ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କ୍ଷୀରୋଦ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଟ୍ରଷ୍ଟ ସମ୍ପାଦକ ସୁକାନ୍ତ କୁମାର ସୂର୍ଯ୍ୟା, ବିକ୍ଲାନ ହେନେଜ, କର୍ମକର୍ତ୍ତା କୁଳଚନ୍ଦ୍ରମା ହସ୍ତୀ, ବାବୁଲା ନନ୍ଦ, ଚନ୍ଦନ କୁମାର ସାହୁ, କମଲ ବୁଡା, ଶିବାଜୀ ଭୋଜ, ସୁମନ୍ତ ପାତ୍ର, ମଦନ କୁମାର ପାତ୍ର ଓ ମଦନ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଆଦିବାସୀମାନଙ୍କ ଆର୍ଥିକ, ସାଂସ୍କୃତିକ ଓ ସାମାଜିକ ଚଳଣି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥି ଓ ବକ୍ତାମାନେ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ସେଗୁଡିକର ସମାଧାନ ନିମନ୍ତେ ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହିପରି ସରକାର ଆଦିବାସୀମାନଙ୍କ ଉନ୍ନୟନ ନିମନନ୍ତ ହାତକୁ ନେଇ ଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ସେମାନେ କିଭଳି ଏହାର ଲାଭ ଉଠାଇ ପାରିବେ ସେ ସମ୍ପର୍କରେ ମଧ୍ୟ ସବିଶେଷ ଆଲୋଚନା କରିଥିଲେ। ଟ୍ରଷ୍ଟର ସମ୍ପାଦକ ସୁକାନ୍ତ କୁମାର ସୂର୍ଯ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରାନ୍ତି ଦିବସରେ ଏଆଇଟିୟୁସି ପକ୍ଷରୁ ଦାବିପତ୍ର

ଝାରସୁଗୁଡ଼ା,୯।୮(ସଞ୍ଜୟ ମାଲି)


ଏଆଇଟିୟୁସି କର୍ମକର୍ତ୍ତା ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଅଛନ୍ତି।

କ୍ରାନ୍ତି ଦିବସ ଅବସରରେ ଶୁକ୍ରବାର ଏଆଇଟିୟୁସି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲାପାଳଙ୍କ ମାଧ୍ୟମରେ ଏକ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ୫୦୦ରୁ ଅଧିକ ଶ୍ରମିକ ବେହେରାମାଳ ଛକରୁ ଏକ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଓଡ଼ିଶାର ପ୍ରତ୍ୟେକ ଜିଲାରେ ଥିବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜକୁ କାର୍ଯ୍ୟକ୍ଷମ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ପ୍ରତ୍ୟେକ ବେକାର ଯୁବକଯୁବତୀଙ୍କ ନାମ ପଞ୍ଜୀକରଣ କରାଯାଉ। ଓଡ଼ିଶା ସରକାର ସ୍ଥାନୀୟ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଆଇନ କରି ଯେଉଁ ଜିଲାରେ ସେହି ଜିଲାର ଯୁବକ ଯବତୀଙ୍କୁ ସ୍ଥାନୀୟ ଶିଳ୍ପରେ ୭୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଏବଂ ଅନ୍ୟ ଜିଲାର ୩୦ ପ୍ରତିଶତ ଯୁବକଙ୍କ ନିଯୁକ୍ତି ପାଇଁ ଆଇନ ପ୍ରଣୟନ କରାଯାଉ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉକ୍ତ ଜିଲାର ଜିଲାପାଳମାନଙ୍କୁ ନୋଡ଼ାଲ ଅଫିସର ଭାବେ ନିଯୁକ୍ତି କରାଯାଉ। ଓଡ଼ିଶାର ଯେଉଁ ଜିଲାରେ ଯେଉଁ ଖଣି ଖାଦାନ ଓ ଶିଳ୍ପ ଅଛି ତାର ଆବଶ୍ୟକତାକୁ ଆଖି ଆଗରେ ରଖି ବେକାର ଯୁବକ ଯୁବତୀଙ୍କୁ ଜିଲା ଖଣିଜ ଓ ସିଏସଆର

**ସବୁ ଜିଲାରେ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ସକ୍ରିୟ କରାଯାଉ**

ପାଣ୍ଠିରୁ ତାଲିମ ଦେଇ ନିଯୁକ୍ତି ପାଇଁ ପ୍ରସ୍ତୁତ କରାଯାଉ। ଝାରସୁଗୁଡ଼ା ଜିଲାରେ ପାୱାର ପ୍ଲାଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ, ଡ୍ରାଇଭର, ଅପରେଟର, ମେକାନିକ, ଇଲେକ୍ଟ୍ରିସିଏନ, ସେଫ୍ଟି ଓ ପ୍ଲାଣ୍ଟଗୁଡ଼ିକରେ ଟ୍ରେନିଂ କେନ୍ଦ୍ର ପ୍ରତିଷ୍ଠା କରାଯାଉ। ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟରେ ମାଇନିଙ୍ଗ ଡିପ୍ଲୋମା ଓ ଡିଗ୍ରୀ ଖୋଲାଯାଉ। ଝାରସୁଗୁଡ଼ା ଜିଲାରେ ଶବ୍ଦ, ଜଳ ଓ ବାୟୁ ପ୍ରଦୂଷଣ ଅତି ନିମ୍ନସ୍ତରକୁ ୨୦୧୧ରୁ ଚାଲିଯାଇଛି। ଏହାକୁ ଠିକ କରିବା ପାଇଁ ଓଡିଶା-ଭାରତ ସରକାରଙ୍କ ପ୍ରଦୂଷଣ ବିଭାଗର ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉ। ଶିଳ୍ପ ପାଇଁ ବୃକ୍ଷ କଟା ନ ଯାଇ ସ୍ଥାନାନ୍ତରଣ କରାଯାଉ। ଝାରସୁଗୁଡ଼ା ଜିଲାର ସୁଖାସୁଡ଼ାରୁ ଆରମ୍ଭ କରି ଲଇକେରା ପର୍ଯ୍ୟନ୍ତ ଜଳସଂରକ୍ଷଣ ପାଇଁ ଚେକଡ୍ୟାମ ଓ ସ୍ୱତନ୍ତ୍ର ଯୋଜନା କରାଯାଉ ଆଦି ଦାବି ସମ୍ମିଳିତ ଦବିପତ୍ର ଏଆଇଟିୟୁସି ଶ୍ରମିକମାନଙ୍କଠାରୁ ଡେପୁଟି କଲେକ୍ଟର ଅଜୟ ମିଶ୍ର ଗ୍ରହଣ କରିଥିଲେ। ଉପସ୍ଥିତ ଶ୍ରମିକ ନେତା ଓ ବୁଦ୍ଧିଜୀବୀମାନେ ଜିଲାରେ ସ୍ଥାନୀୟ ନିଯୁକ୍ତି ପାଇଁ ଏକ ସ୍ୱଷ୍ଟ ନୀତି ଗ୍ରହଣ କରାଯିବା ପାଇଁ ବକ୍ତବ୍ୟରେ ପ୍ରକାଶ କରିଥିଲେ। କିଛି ଅସାମାଜିକ ବ୍ୟକ୍ତିଙ୍କ ସିଣ୍ଡିକେଟ ମାଧ୍ୟମରେ ନିଯୁକ୍ତି ପାଇଁ ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ ହେଉଛି ବୋଲି ଶ୍ରମିକମାନେ ଅଭିଯୋଗ କରିଥିଲେ। ଜିଲାପାଳ ଏ ଦିଗରେ ପଦକ୍ଷେପପ ନେବାକୁ ସେମାନେ ଦାବି କରିଥିଲେ। ଶ୍ରମିକ ନେତା ରମେଶ ତ୍ରିପାଠୀ, ସାରଙ୍ଗ ମିଶ୍ର, ବୃନ୍ଦଦେବ ଭୋଇ, ମଦନ ମେହର, ଜୀବନ ବୀମା ନିଗମର ଶ୍ରମିକ ନେତା ରତ୍ନାକର ପ୍ରଧାନ, ପ୍ରଗତିଶୀଳ ଶ୍ରମିକ ସଙ୍ଗଠନର ରକ୍ଷାକର ଅନୁପମ ଛାତ୍ରନେତା ଜିତେନ୍ଦ୍ର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରଜରାଜନଗରରେ ଟ୍ରେନ୍ ରହଣି ପାଇଁ ରେଳମନ୍ତ୍ରୀଙ୍କୁ ଜଣାଇଲେ ରାଜସ୍ୱ ମନ୍ତ୍ରୀ

ବ୍ରଜରାଜନଗର,୯।୮(ବିଜୟ ବରାଡ଼)

ବ୍ରଜରାଜନଗର ଷ୍ଟେଶନରେ ଟ୍ରେନ ରହଣି ସହିତ ଅନ୍ୟାନ୍ୟ ସମସ୍ୟା ଦୂର କରିବା ନେଇ ବ୍ରଜରାଜନଗର ନାଗରିକ ମଞ୍ଚ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅନୁରୋଧ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଅଭିଯୋଗ ପାଇବା ପରେ ଏହାକୁ ନେଇ ଗୁରୁବାର ରେଳମନ୍ତ୍ରୀଙ୍କୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପୂଜାରୀ ଚିଠି ଲେଖି ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। କୋଭିଡ୍ ପୂର୍ବରୁ ବ୍ରଜରାଜନଗର ରେଳ ଷ୍ଟେଶନରେ ଟାଟା ଇତୱାରୀ ଏକ୍ସପ୍ରେସର ରହଣି ହେଉଥିବା ବେଳେ କୋଭିଡ୍ ପରେ ବ୍ରଜରାଜନଗରରେ ରହଣି ହେଉନାହିଁ। ଏହା ସହିତ ଟାଟା ବିଳାସପୁର ଏକ୍ସପ୍ରେସର ମଧ୍ୟ ରହଣି ବର୍ତ୍ତମାନ ହେଉନାହିଁ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଅନେକ ଲୋକ ହାଇଦ୍ରାବାଦରେ କାର୍ଯ୍ୟ କରୁଛନ୍ତି ଓ ଏହି ଅଞ୍ଚଳରେ ବିହାରର ଅନେକ ଲୋକ ବାସ କରୁଛନ୍ତି। ବ୍ରଜରାଜନଗରରୁ ହାଇଦ୍ରାବାଦ ଓ ଦରଭଙ୍ଗା ରକ୍ସୁଲ ଅଞ୍ଚଳକୁ କୌଣସି ସିଧା ଟ୍ରେନ ନାହିଁ। ବ୍ରଜରାଜନଗର ଷ୍ଟେଶନରେ ଦରଭଙ୍ଗା ଦିସପ୍ତାହିକ ଏକ୍ସପ୍ରେସ ଓ ହାଇଦ୍ରାବାଦ ରକ୍ସୁଲ ଏକ୍ସପ୍ରେସର ବ୍ରଜରାଜନଗର ଷ୍ଟେସନରେ ରହଣି, ବିଶାଖାପାଟନମ ଅମୃତସର ହୀରାଖଣ୍ଡ ଏକ୍ସପ୍ରେସ ରହଣି ପାଇଁ ଦାବି କରାଯାଇଛି। ଏହା ସହିତ ଅନ୍ୟ କେତେକ ଝାରସୁଗୁଡାରୁ ରାଏଗଡ଼କୁ ଚଳାଚଳକୁ ଏକଷ୍ଟେନ୍ସନ ସହିତ ନିଜାମୁଦ୍ଦିନ ରାଏଗଡ଼ ଗଣ୍ଡବାନା ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ରେଳମନ୍ତ୍ରୀଙ୍କ ନିକଟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଦାବି କରିଛନ୍ତି।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ



ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କଲାମାଟିଠାରେ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମର ସଫଳ ଆୟୋଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବଗଡ଼ ପରକ୍ଷିତ ସାହୁ, ଡେପୁଟି କୋଲେକ୍ଟର ସୂର୍ଯ୍ୟକାନ୍ତ ବରିହା, ସହାୟକ ଜିଲାପାଳ ସୁଶ୍ରୀରେଖା ମହାନ୍ତ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଡୋମନ ଏକ୍କା ଉପସ୍ତିତ ଥିଲେ। ଉପଜିଲାପାଳଙ୍କ ପରାମର୍ଶକ୍ରମେ ଆଗାମୀ ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ଭାରତର ସ୍ୱାଧୀନତା ସଂଗ୍ରାମ ତଥା ଅଲିମ୍ପିକ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇବା ତଥା ବିଭିନ୍ନ କ୍ଷେତ୍ରରେ ପିଲାମାନଙ୍କ ଜ୍ଞାନ ବୃଦ୍ଧି କରିବା, ଜିଜ୍ଞାସା ଜାଗ୍ରତ କରିବା ତଥା ସୃଜନଶୀଳତାର ବିକାଶ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତିଯୋଗିତା ଦୁଇଟି ବର୍ଗରେ ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବର୍ଗରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗରେ ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ଭାଇସ ପ୍ରିନ୍ସିପାଲ ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଶେଷରେ ଉପଜିଲାପାଳ ଗୁରୁପୂର୍ଣ୍ଣ ଐତିହାସିକ ଘଟଣା ଗୁଡିକରୁ ତଥା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀରୁ ପ୍ରେରଣା ପାଇ କଠିନ ପରିଶ୍ରମ କରିବା ଏବଂ ପରିଶ୍ରମ କରିବାକୁ ବୋଝ ନ ଭାବି ଅଭ୍ୟାସରେ ପରିଣତ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଆଗକୁ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରି ପିଲାମାନଙ୍କୁ ଉତ୍ସାହିତ କରିବା ଏବଂ ପ୍ରେରଣା ଦେବା ନିମନ୍ତେ ପରାମର୍ଶ ଦେଇଥିଲେ।

## ବୈଠକକୁ ଡକାଯାଇ ନ ଥିବା ଅଭିଯୋଗ

**କାଉନସଲ ବୈଠକକୁ ଅବୈଧ ଘୋଷଣା ଦାବି**

ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌର ପରିଷଦ କାର୍ଯ୍ୟାଳୟରେ ଗତ ୭ ତାରିଖରେ ଆୟୋଜିତ ପୌର ପରିଷଦର କାଉନସିଲ ବୈଠକକୁ ଡକାଯାଇ ନ ଥିବା ଅଭିଯୋଗ କରିଛନ୍ତି ୬ ନଂ. ୱାର୍ଡରେ ସ୍ୱାଧୀନ କାଉନସଲର ଧର୍ମେନ୍ଦ୍ର କୁମାର ଦେବତା। ଦେବତା ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ, ପୌର ପ୍ରଶାସନ ନିର୍ଦ୍ଦେଶକ ନିକଟରେ ଅଭିଯୋଗ କରିବା ସହ ୭ ତାରିଖରେ ଅନୁଷ୍ଠିତ କାଉନସିଲ ବୈଠକକୁ ଅବୈଧ ଘୋଷଣା କରିବାକୁ ଦାବି ଜଣାଇଛନ୍ତି। ଦେବତା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ଓଡିଶା ମ୍ୟୁନିସିପାଲ ରୁଲ ୧୯୫୩ ର ଧାରା ୮ ଓ ୧୦ ଅନୁଯାୟୀ ଯେ, କୌଣସି କାଉନସିଲ ବୈଠକ ନିମନ୍ତେ ପୌର ପରିଷଦ ଅଧ୍ୟକ୍ଷା ପ୍ରତ୍ୟେକ କାଉନସିଲରଙ୍କୁ ଡାକ ଯୋଗେ ନୋଟିସ ଦେଇ କିମ୍ବା ଅନ୍ୟ କୌଣସି ପଦ୍ଧତିରେ ଡାକିବା କଥା। ମାତ୍ର ପୌରାଧ୍ୟକ୍ଷା ଉଦ୍ଦେଶ୍ୟ ମୂଳକ ଭାବେ ତାଙ୍କୁ ନ ଡାକି ଉପରୋକ୍ତ ରୁଲ୍ ଉଲ୍ଲଙ୍ଘନ କରିବା ସହ ପୌରାଧ୍ୟକ୍ଷା ବେଆଇନ ଭାବେ ପ୍ରସ୍ତାବ ପାରିତ କରାଇଥିବା ଦେବତା ଅଭିଯୋଗ କରିଛନ୍ତି। ଏହି କାରଣରୁ ଗତ ୭ ତାରିଖରେ ଅନୁଷ୍ଠିତ ଉପରୋକ୍ତ କାଉନସିଲ ବୈଠକକୁ ଅବୈଧ ଘୋଷଣା କରିବାକୁ ଅଭିଯୋଗ ପତ୍ରରେ ଗୃହ ଓ ନଗର ଉନ୍ନୟନ ବିଭାଗ, ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିବା ଜଣାପଡିଛି। ସେହିପରି ଅଭିଯୋଗ ପତ୍ରର ନକଲ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ଦେବଗଡ ଜିଲାପାଳ ଓ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

# ବୀମା କର୍ମଚାରୀ ସଂଘର ୫୦ତମ ବାର୍ଷିକ ସାଧାରଣ ବୈଠକ



ବୀମା କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ପୂର୍ବତନ ବିଧାୟିକା ସହ ଅନ୍ୟ ଅତିଥି।

ଝାରସୁଗୁଡ଼ା,୯।୮(ସଞ୍ଜୟ ମାଲି)

ଝାରସୁଗୁଡା ବେହେରାମାଲସ୍ଥିତ ଏଲଆଇସି ଜୀବନ ଜ୍ୟୋତି ଭବନଠାରେ ଅରୁନ କୁମାର ଚଇନିଙ୍କ ସଭାପତିତ୍ୱରେ ୫୦ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମ୍ବଲପୁର ଡିଭିଜନ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସାଥି ମିନରଞ୍ଜନ ବିଶି, ମଙ୍ଗୁଲୁ ବେହେରା ଓ କୋଷାଧ୍ୟକ ବୀର କିଶୋର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସର୍ବପ୍ରଥମେ ସମ୍ପାଦକ ବେଦବ୍ୟାସ ଭୋଇ ୧୪ ପୃଷ୍ଠା ବାର୍ଷିକ ରିପୋର୍ଟ ପାଠ କରିଥିଲେ। ରିପୋର୍ଟକୁ ଆଲୋଚନା ପାଇଁ ମଞ୍ଚରେ ରଖିଥିଲେ। ଏହାପରେ ରିପୋର୍ଟ ଉପରେ ଗୋପୀନାଥ ମିଶ୍ର, ଆଶିଷ ଶୁକ୍ଳା, ରତ୍ନାକର ପ୍ରଧାନ ଚର୍ଚ୍ଚାରେ ଭାଗ ନେଇଥିଲେ। ଏହାପରେ ସମ୍ମାନିତ ଅତିଥି ସାଥି ବିଶି କହିଲେ ବର୍ତ୍ତମାନ ବୀମା ଶିଳ୍ପ ତାର ଗରୀମା ବଜାଇ ରଖିଛି କିନ୍ତୁ ଆଜି ବୀମା ଶିଳ୍ପରେ ସରକାର ବୀମା ପ୍ରିମିୟମ ଉପରେ ୧୮% ଜିଏସଟି ଲଗାଇ ସଂସ୍ଥାକୁ ଦୁର୍ବଳ କରିଚାଲିଛନ୍ତି। ଯାହା ପାଇଁ ବୀମା କର୍ମଚାରୀ ରାଜରାସ୍ତାରେ ଓ ପାଲାମେଣ୍ଟରେ ସରକାରକୁ ପ୍ରଶ୍ନ ପଚାରି ଏହାକୁ ତୁରନ୍ତ ଫେରସ୍ତ କରିବାକୁ ଅନୁରୋଧ କରିଛନ୍ତି। ଶେଷରେ ୨୦୨୪ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ସଭାପତି ଅରୁଣ କୁମାର ଚଇନି, ସମ୍ପାଦକ ବେଦବ୍ୟାସ ଭୋଇ, କୋଷାଧ୍ୟକ ନବୀନ ସିଂହା ଓ ଅଡିଟର ଦେବେନ୍ଦ୍ର ନାୟକ ନିର୍ବାଚିତ ହୋଇଥିଲେ। ଦ୍ୱିତିୟ ପର୍ଯ୍ୟାୟରେ ଅଭ୍ୟର୍ଥନା ସମିତି ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା ଏବଂ ୩୯ତମ ବାର୍ଷିକ ସାଧାରଣ ସମ୍ମିଳନୀ ଅଧ୍ୟକ୍ଷା ଭାବେ ପର୍ବତନ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତଙ୍କେ ମନୋନୀତ କରାଯାଇଛି। ସମ୍ବଲପୁର ଡିଭିଜନ ବୀମା କର୍ମଚାରୀ ସଂଘ ସାଧାରଣ ସମ୍ପାଦକଙ୍କୁ ଆବାହକ ଓ ବେଦବ୍ୟାସ ଭୋଇଙ୍କୁ ଅଭ୍ୟର୍ଥନା ସମିତି ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସମ୍ମିଳନୀ ପରିଚାଳନା ସକାଶେ ଉକ୍ତ ସଭାରେ ତ୍ରିନାଥ ଗୋଏଲ, ମେହେବୁବ ମହତାବ, ପ୍ରଶାନ୍ତ ମହାନ୍ତି, ସାରଙ୍ଗ ମିଶ୍ର, ମାନସ ମିଶ୍ର, ଗୌରୀ ପାତ୍ର, ଅନନ୍ତ ରକ୍ଷାକର ଅନୁପମ ଉପସ୍ଥିତ ଥିଲେ। ଶେଷରେ ଗୋପୀନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ବିଦାୟଦକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ। ପୂର୍ବତନ ଜିଲାପାଳ ଉପାଧ୍ୟାୟ ଜିଲାର ବିଭିନ୍ନ ଉନ୍ନତିକରଣ, ପର୍ଯ୍ୟଟନ ବିକାଶ, ଦୁଗ୍ଧ ଶୀତଳୀ କରଣ, ଜିଲାର ବିଭିନ୍ନ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି। ଜିଲାର ବିଭିନ୍ନ ଅଧିକାରୀମାନେ ତାଙ୍କ ସମ୍ବର୍ଦ୍ଧନା ସଭାରେ ମତପୋଷଣ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ ଓ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଯୋଗଦାନ

ଝାରସୁଗୁଡ଼ା,୯।୮(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାରେ ନୂତନ ଜିଲା ମୁଖ୍ୟ କୃଷି ଅଧିକାରୀ ଭାବେ ଜେନାମଣି ବିଭୁତି ଭୂଷଣ ରଏ ଯୋଗଦେଇଛନ୍ତି। ସେ ପୂର୍ବରୁ ଷ୍ଟେଟ ବାୟୋ କେମିଷ୍ଟ ଲ୍ୟାବରୋଟେରୀରେ କାର୍ଯ୍ୟ କରୁଥିବା ବେଳେ ଗୁରୁବାର ଝାରସୁଗୁଡା ଜିଲା କୃଷି ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଜିଲା କୃଷି ଅଧିକାରୀଙ୍କ ବଦଳି ପରେ ଜିଲା କୃଷି ଅଧିକାରୀ ଭାବେ କୋଲାବିରା କୃଷି ଅଧିକାରୀ ପୃଥିରାଜ ମଣ୍ଡଳ ଦାୟିତ୍ୱ ତୁଲାଉଥିଲେ। ରାୟ ଦାୟିତ୍ୱ ଗ୍ରହଣ କରିବା ପରେ ଦାୟିତ୍ୱରେ ଥିବା କୃଷି ଅଧିକାରୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଜିଲା କୃଷି ଅଧିକାରୀ ଅଫିସରେ ଥିବା ସମସ୍ତ କର୍ମଚାରୀମାନେ ନୂତନ କୃଷି ଅଧିକାରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଚାଷୀମାନଙ୍କ ସମସ୍ୟାର ସମାଧାନ ମୋର ମୂଲ୍ୟ ଲକ୍ଷ୍ୟ ହେବ ବୋଲି ନୂତନ ଜିଲା କୃଷି ଅଧିକାରୀ ଜେନାମଣି ବିଭୁତି ଭୂଷଣ ରଏ କହିଛନ୍ତି ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରସ୍ତୁତି

ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)

ସ୍ୱାଧୀନତା ଅବସରରେ ଅମୃତ ମହୋତ୍ସବ ପାଳନ ପୂର୍ତ୍ତି ଅବସରରେ ଆସନ୍ତା ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ସାରାଦେଶରେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ସତନ୍ତ୍ର ଶାସନ ସଚିବ ନିର୍ଦ୍ଦେଶ ଅନୁଯାୟୀ ଜିଲାରେ ଆଡମ୍ବର ସହକାରରେ ପାଳନ ନିମନ୍ତେ ଜିଲାପାଳଙ୍କ ଓସାନ ହଲଠାରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ମାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିୟା, ନିର୍ବାହୀ ଅଧିକାରୀ ପୌର ପରିଷଦ କୃପାସିନ୍ଧୁ ସ୍ୱାଇଁ, ଡିପିଏମ ଓଏଲେମ ମିଶନ ଶକ୍ତି ସ୍ମରଣିକା ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ଦେଇଥିବା ବେଳେ ଆଭାସୀ ମାଧ୍ୟମରେ ଜିଲାର ୩ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ତ୍ରିରଙ୍ଗା ଉତ୍ସବ ନିମନ୍ତେ ୬୧ ହଜାର ପତାକା ପୌର ପରିଷଦ ଓ ବିଭିନ୍ନ ବ୍ଲକକୁ ଯୋଗାଇ ଦିଆଯିବ। ପ୍ରତ୍ୟେକ ନାଗରିକ ଉତ୍ସବରେ ସାମିଲ ହେବା ପାଇଁ ଅତିରିକ୍ତ ଜିଲାପାଳ ବିଲୁଙ୍ଗ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।



# ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

କୋଲାବିରା,୯।୮(ଚିନ୍ମୟ କୁମାର ବହିଦାର)



ଝାରସୁଗୁଡ଼ା ଜିଲା କୋଲାବିରା ପଞ୍ଚାୟତ ସମିତି ସଭା କକ୍ଷରେ ସ୍ୱାଧୀନତା ଦିବସ ପାଳନ ପାଇଁ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତିକ୍ରମେ ୧୫ ତାରିଖ ସକାଳ ସାଢେ ୮ଟାରେ ବ୍ଲକ ମୁଖ୍ୟାଳୟଠାରେ ବ୍ଲକସ୍ତରୀୟ ପତାକା ଉତ୍ତୋଳନ କରାଯିବ। ଏଥିପାଇଁ କୋଲାବିରାଠାରେ ଥିବା ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ନିଜ ବିଦ୍ୟାଳୟରେ ପତାକା ଉତ୍ତୋଳନ କରିବା ପରେ ନିର୍ଦ୍ଧାରିତ ସମୟରେ ବ୍ଲକ ମୁଖ୍ୟାଳୟରେ ପହଞ୍ଚି ଉତ୍ସବରେ ସମିଲ ହେବେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ପ୍ରତିଯୋଗିତାରେ ବ୍ଲକ ଅଧୀନରେ ଥିବା ୧୪ଟି ଉଚ୍ଚ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ଭାଗ ନେବେ। ମହାମାରୀ କରୋନା ଯୋଗୁ ବିଗତ ବର୍ଷଗୁଡିକରେ ସାଧାରଣ ଭାବେ ସ୍ୱାଧୀନତା ଦିବସ ପାଳନ ହେଉଥିବା ବେଳେ ଚଳିତ ବର୍ଷଠାରୁ ଆଡମ୍ବରରେ ପାଳନ କରାଯିବା ପାଇଁ ମତପ୍ରକାଶ ପାଇଥିଲା। ଅତିକମରେ ବ୍ଲକସ୍ତରରେ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଏବଂ ଶହୀଦ ବୀର କରୁଣାକର ସିଂହ ନାଏକଙ୍କ ଅନ୍ତ୍ୟୋଷ୍ଟିର୍ଗ ଦିସକୁ ଉତ୍ସାହର ସହିତ ପାଳନ କରିବା ପାଇଁ ବୈଠକରେ ଉପସ୍ଥିତଙ୍କ ମତପ୍ରକାଶ ପାଇବା ସହିତ ସର୍ବସମ୍ମତିକ୍ରମେ ଏହିସବୁ କାର୍ଯ୍ୟକ୍ରମ ପାଳନ ଦିଗରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ପାଇଁ ନିଷ୍ପତି ହୋଇଥିଲା। ଏଥିପାଇଁ ଅଞ୍ଚଳର ବରିଷ୍ଠ ନାଗରିକ, ପ୍ରାକ୍ତନ ସୈନିକ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ ଆଦି ସମସ୍ତ ବର୍ଗର ଲୋକଙ୍କ ନିମନ୍ତ୍ରଣ କରାଯାଇ ଉତ୍ସବରେ ସାମିଲ କରାଯିବା କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜେଶ ରୋଶନ ଗୁଡଆ, ସିଡିପିଓ ଶୁକେସିନି କେରକେଟା, ସହକାରୀ ଯନ୍ତ୍ରୀ ରଞ୍ଜିତାବାଲା ଦାସ୍, ଏସଓ କୁମୁଦିନୀ ମହାପାତ୍ର, ସମ୍ପ୍ରସାରଣ ଅଧିକାରୀ ସୁରେଶ ଚନ୍ଦ୍ର ମେହେର, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରଞ୍ଜିତ ପ୍ରଧାନ, ପ୍ରଧାନ ଶିକ୍ଷକ ଲଳିନ୍ଦ୍ର ଗୋଖରା, ଚିନ୍ମୟୀଦେବେଶ୍ରୀ ପିଙ୍ଗ, ଅଜିତ ସାହୁ, ନିର୍ବହୀ ଅଧିକାରୀ ସତ୍ୟଜିତ ମେହେର, ସୁଦାମ ଚରଣ ତ୍ରିପାଠୀ, ରଶ୍ମିରଞ୍ଜନ ବେହେରା, ଚିନ୍ତାମଣି ଛତ୍ରିଆ, ରଞ୍ଜନ ରାଉତ, ଶିଶିର କୁମାର ନାଏକ ପ୍ରମୁଖ ଅଂଶଗ୍ରହଣ କରି ଚଳିତ ସ୍ୱାଧୀନତା ଦିବସ ପାଳନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏବିଡିଓ ରାଜେସ ରୋଶନ ଗୁଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ତିଖାଲି ଡ୍ୟାମ୍‌ର ୨ ଗେଟ୍‌ରେ ଜଳ ନିଷ୍କାସନ

**ଖଡ଼ିଆଳ,୯।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି ଡ୍ୟାମ୍‌ରୁ ଦୁଇଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ପ୍ରକଳ୍ପର ୯ ଗୋଟି ଗେଟ୍ ମଧ୍ୟରୁ ୨ନଂ. ଓ ୭ନଂ. ଗେଟ୍ ଖୋଲାଯାଇଛି। ଏହି ସମୟରେ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଚନ୍ଦ୍ର ଭତ୍ରା ଓ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଜୟପୁରିଆଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗତ ୩ଦିନ ଧରି ଲଗାଣ ବର୍ଷା ଯୋଗୁ ଉପର ମୁଣ୍ଡରୁ ବନ୍ୟାଜଳ ପ୍ରବେଶ କରୁଥିବାରୁ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପରୁ ବନ୍ୟାଜଳ ଛଡାଯାଇଥିବା ମୁଖ୍ୟ ଯନ୍ତ୍ରୀ ଭତ୍ରା କହିଛନ୍ତି।

### ଧର୍ମଗଡ ଏସ୍‌ବିଆଇ ଶାଖାରେ ହେଲା ପାର୍କିଂ ବ୍ୟବସ୍ଥା

**ବେହେରା,୯।୮(ଭୂପେଶ ତିୱାରୀ):** ଧର୍ମଗଡ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖା ପରିସରରେ ପାର୍କିଂ ବ୍ୟବସ୍ଥା ପାଇଁ ଚାମ୍ବର ଅଫ କମର୍ସ ତରଫରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ଗୁରୁତ୍ୱ ଦେଇ ପାର୍କିଂର ବ୍ୟବସ୍ଥା କରିବା ପାଇଁ ଚିଫ ଜେନେରାଲ ମ୍ୟାନେଜର, ଭୁବନେଶ୍ୱର ଧର୍ମଗଡ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଶାଖା ପଛପଟେ ମୋଟରସାଇକେଲ ପାର୍କିଂ ବ୍ୟବସ୍ଥା କରାଯାଇଛି।

### ବିଶ୍ୱ ଆଦିବାସୀ ଦିବସ

**କର୍ଲାମୁଣ୍ଡା,୯।୮(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ଛକଠାରେ ଜୋରାଡବରା ପଞ୍ଚାୟତ କନ୍ଧ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଆଦିବାସୀ ନେତା ଶୋଭାକର ଜାନିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧ ସମାଜ ସମ୍ପାଦକ ନନ୍ଦୀ କିଶୋର ମାଝି, ମୁଗମାଲ ମାଝି, ଡୋଲାମଣୀ ମାଝି, ପୁରୁନ୍ଦର ମାଝି, ଯଦୁ ମାଝ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ଅଧିକାର, ସଂସ୍କୃତି, ପରମ୍ପରା, ରୀତିନୀତି, ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। ସ୍ୱର୍ଗତ ଆଦିବାସୀ ନେତା ବାଦଲୁ ଜାନିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ମହିଳା ମହାବିଦ୍ୟାଳୟରେ ପାଠଚକ୍ର

**ବେହେରା,୯।୮ (ଭୂପେଶ ତିୱାରୀ):** ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟଠାରେ ଅଗଷ୍ଟ କ୍ରାନ୍ତି, ବିଶ୍ୱ ଆଦିବାସୀ ଦିବସ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସନ୍ଥ କବି ଭୀମ ଭୋଇଙ୍କ ମହିମା ଧର୍ମ, ସ୍ୱଭାବ କବିଙ୍କ ଉତ୍କଳ ଲକ୍ଷ୍ମୀ କାବ୍ୟ ଓ ଭାରତ ଛାଡ଼ ଆନ୍ଦୋଳନ ଉପରେ ଛାତ୍ରୀମାନେ ସନ୍ଦର୍ଭ ପାଠ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ସରୋଜ କୁମାର ମେହେର, ଅଧ୍ୟାପିକା ଜୟନ୍ତୀ କୁମାରୀ ମୁଦୁଲି, ପଦ୍ମଲୟା ଦଣ୍ଡସେନା, ସୁଜାତା ମହାନ୍ତି, ଅର୍ଚ୍ଚନା ଗୁଛି, ଲକ୍ଷପତି ନାଏକ, ହିମାଂଶୁ ସା ପ୍ରମୁଖ ସହଯୋଗ କରିଥିଲେ।

# କଳାହାଣ୍ଡିରେ ଏବେ ବି ରହିଛି ଦାଦନ ସମସ୍ୟା

**ଭବାନୀପାଟଣା,୯।୮ (ଉତ୍ତମ କୁମାର ଦାଶ)**

ରାଜ୍ୟରେ ଦାଦନ ସମସ୍ୟା ପ୍ରତି ନେତା ମନ୍ତ୍ରୀ ସମସ୍ତେ ଅବଗତ ଥିଲେ ମଧ୍ୟ ଏହି ପ୍ରସଙ୍ଗ କେବେ କୌଣସି ରାଜନୈତିକ ଦଳର ନିର୍ବାଚନୀ ଇସ୍ତାହାରରେ ସ୍ଥାନ ପାଇ ନ ଥିଲା। ପ୍ରଥମଥର ପାଇଁ ଗତ ସାଧାରଣ ନିର୍ବାଚନରେ ଏହା ଏକ ପ୍ରମୁଖ ପ୍ରସଙ୍ଗ ଥିଲା। ବିଶେଷକରି ଭାଜପା ତା'ର ନିର୍ବାଚନ ପ୍ରଚାର ସମୟରେ ଦାଦନ ପ୍ରବଣ ଅଞ୍ଚଳରେ ଦାଦନ ସମସ୍ୟା ରୋକିବା ପାଇଁ ଯୋଜନା ପ୍ରଣୟନ ସମ୍ପର୍କରେ ପ୍ରଚାର କରିଥିଲା। ଏବେ ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି। ଏହାକୁ ନେଇ ସବୁରେ କ'ଣ ଦାଦନ ସମସ୍ୟା ଦୂର ହେବ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ତଥ୍ୟ ଅନୁଯାୟୀ ନିର୍ବାଚନ ପରଠାରୁ କେବଳ କଳାହାଣ୍ଡି ଜିଲାର ଧର୍ମଗଡ଼ ନର୍ବାଚନ ମଣ୍ଡଳୀରେ ୧୦-୧୨ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଘରକୁ ଫେରିଲାଣି। ଗତ ଜୁନରେ ଛଣାଖଣବାହାଲି ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ପୂଜାରୀ, କୋକସରାର ମଧୁସୂଦନ ଛତ୍ରିଆ, ଜୁଲାଇରେ ଖୁଣ୍ଟିଆର ଲୋକନାଥ ପୋଟା, ମୋଟେରର ଖିରସିନ୍ଧୁ ନିଆଲ, କୁମ୍ଭାରପଦାର ପ୍ରହ୍ଲାଦ ଦେଫୁର ପଞ୍ଚାୟତର ନିଧନ ପୂଜାରୀଙ୍କ ମୃତ୍ୟୁ ଖବର ଗଣମାଧ୍ୟମ ନଜରକୁ ଆସିଛି। ଅନେକ ଘଟଣା ଗଣମାଧ୍ୟମ ନଜର ଆଢୁଆଳରେ ରହିଯାଉଛି। ୨୦୦୭-୦୮ରେ ଧର୍ମଗଡ଼ର ତତ୍କାଳୀନ ଉପଜିଲାପାଳଙ୍କ ଉଦ୍ୟମରେ ଏକ ଏନ୍‌ଜିଓ ଦାଦନ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଦଣ୍ଡପାଟ ଅଞ୍ଚଳରେ ଏକ ସର୍ଭେ କରିଥିଲା। ସର୍ଭେ ଅନୁଯାୟୀ ସେ ସମୟରେ ୧୧୬୫ ପରିବାର ଦାଦନ ଖଟିବାକୁ ଭିଟାମାଟି ଛାଡିଥିଲେ। ସେଥିରେ ୧୯୬୭ ପୁରୁଷ, ୬୩୪ ମହିଳା ଓ ୩୪୫ ଶିଶୁ ଥିଲେ। ସର୍ଭେ ସମୟରେ ଏକ ଭୟାନକ ଚିତ୍ର ସାମ୍ନାକୁ ଆସିଥିଲା। ୧୯୩୩ ଜଣ ଶ୍ରମିକ ବିଭିନ୍ନ ସମୟରେ କାର୍ଯ୍ୟସ୍ଥଳରେ ଦାଦନ ସର୍ଦ୍ଦାରଙ୍କ ଦ୍ୱାରା ନିର୍ଯାତିତ ହୋଇଥିବାବେଳେ ୧୬ ଶ୍ରମିକ ନିଖୋଜ ଥିଲେ। ନିଜକୁ ବୁଦ୍ଧିଜୀବୀ ବୋଲାଉଥିବା କେତେକଙ୍କ କହିବା କଥା ଜଳସେଚନ ସୁବିଧା ନ ଥିବାରୁ ଦଣ୍ଡପାଟ ଅଞ୍ଚଳରେ ଦାଦନ ସମସ୍ୟା ବଢୁଛି। ଜଳସେଚନ ସୁବିଧା ଥିବା ଜୟପାଟଣା, କଳମପୁର, ଜୁନାଗଡ଼ ଅଞ୍ଚଳରେ ମଧ୍ୟ ଦାଦନ ସମସ୍ୟା ଦେଖିବାକୁ ମିଳିଛି। ଜୟପାଟଣା ବ୍ଲକର ଝିଆଲି, ନିଳାମ୍ବରଙ୍କ ହାତ କଟା ଘଟଣା ତା'ର ଏକ ଉଦାହରଣ। କିଛି ଲୋକ କହନ୍ତି ଶିଳ୍ପାୟନ ହିଁ ଦାଦନକୁ ରୋକିପାରିବ। କିନ୍ତୁ ଲାଞ୍ଜିଗଡ଼ରେ ବେଦାନ୍ତ ଭଳି ବଡ଼ ଶିଳ୍ପାନୁଷ୍ଠାନ ଥିଲେ ବି ସେ ଅଞ୍ଚଳରୁ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଜଳସେଚନ, ଶିଳ୍ପାୟନ ଜିଲାର ଦାଦନ ସମସ୍ୟା ରୋକିବାରେ ଏପର୍ଯ୍ୟନ୍ତ ସଫଳ ହୋଇପାରି ନାହିଁ। ବିଗତ ସରକାର ସମୟରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଧ୍ୟ ଦାଦନ ସମସ୍ୟାରେ ରୋକ ଲଗାଇ ପାରିନାହିଁ। ତେବେ ମୋହନ ମାଝୀ ସରକାର ଦାଦନ ସମସ୍ୟା ରୋକିବା ଦିଗରେ ତତ୍ପରତା ଦେଖାଇଛନ୍ତି। ୧୦୦ ବଦଳରେ ୩୦୦ ଦିନ କାମ ଯୋଗାଇବାକୁ ଗ୍ୟାରେଣ୍ଟି ଦେଇଛନ୍ତି। ଏହା ଏକ କେନ୍ଦ୍ରୀୟ ଯୋଜନା। ତେବେ ଏଥିରେ ଅନେକ କଟକଣା ଥିବାରୁ ନିର୍ବାହୀ ଅଧିକାରୀମାନେ ପୂର୍ବରୁ ଏଥିପ୍ରତି ବିଶେଷ ଆଗ୍ରହ ଦେଖାଉ ନ ଥିବା ନଜର ରହିଛି। ବାଧ୍ୟବାଧକତାରେ କିଛି କାମ ହେଲେ ମଜୁରୀ ମିଳୁମିଳୁ ଅନେକ ସମୟରେ ୬ମାସରୁ ବର୍ଷେ ଲାଗିଯାଏ। ଯଦିଓ ୧୫ ଦିନ ମଧ୍ୟରେ ମଜୁରି ଦେବା ନିୟମ ରହିଛି। ଏପରିସ୍ଥଳେ ୧୦୦ ହେଉ କି ୩୦୦ଦିନ ନିୟମର ସରଳୀକରଣ ହିଁ ଯୋଜନାକୁ ସଫଳ ରୂପାୟନ ଦେଇପାରେ ବୋଲି ଜୁନାଗଡ଼ର ଭାଜପା ନେତା ମନୋଜ ମେହେର କହିଛନ୍ତି।

# ରାସ୍ତା ଶୋଚନୀୟ, ୨ ଜିଲାବାସୀ ହଇରାଣ



ଖାଲଖମା ରାସ୍ତାରେ ପାଣି ଜମିରହିଛି।

**ଖଡ଼ିଆଳ,୯।୮ (ସୁଜିତ କୁମାର ପ୍ରଧାନ)** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୁକୁଲାରୁ ବଲାଙ୍ଗୀର ଜିଲା ପଳସଖଣ୍ଡକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଦୁଇ ଜିଲାବାସୀ ହଇରାଣ ହେଉଛନ୍ତି। ବାରମ୍ବାର ଦାବି ପରେ ଏହି ରାସ୍ତାର ଅର୍ଜୁନ ନଦୀ ଉପରେ ସେତୁ ନିର୍ମାଣ ହେଲା। ହେଲେ ରାସ୍ତା ପୂର୍ବଭଳି ଖାଲଖମା ପରିପୂର୍ଣ୍ଣ ହୋଇଛି। ବର୍ଷାଦିନରେ ଖାଲରେ ପାଣି ଜମିରହିଛି। ଫଳରେ ରାସ୍ତା ଦେଇ ଦୁକୁଲା, ଖଡ଼ିଆଳ, ସିନ୍ଧେକେଲା, ଟିଟିଲାଗଡ଼, ବଙ୍ଗୋମୁଣ୍ଡାକୁ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କଲେଜ ଛାତ୍ରଛାତ୍ରୀ ଦୟନୀୟ ଭାବେ ଯିବାଆସିବା କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଖଡ଼ିଆଳ ବିଡିଓ ବୀରସେନ ବେହେରାଙ୍କୁ ପଚାରିବାରୁ ତଦନ୍ତକରି ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ଆଦିବାସୀ ସମାଜର ଉନ୍ନତି ଉପରେ ଗୁରୁତ୍ୱ



ମଞ୍ଚରେ ଉପସ୍ଥିତ ଅତିଥିମାନେ।

**କୋକସରା,୯।୮ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଧାନମଣ୍ଡିରେ ଜିଲାସ୍ତରୀୟ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଧାନମଣ୍ଡିରେ ପହଞ୍ଚିଥିଲେ। ଆଦିବାସୀ ସଂଘର ଜିଲା ସଭାପତି ପ୍ରକାଶ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଢ଼ଯୋଷୀ ମୁଖ୍ୟ ଅତିଥି, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟବକ୍ତା ଓ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର ଅଧିକାରୀ ରାମକୃଷ୍ଣ ଗଣ୍ଡ, ପୂର୍ବତନ କମିଶନର ଗଙ୍ଗାଧର ମାଝୀ, ଜିଲା ସମ୍ପାଦକ ଋତୁରାଜ ମାଝି, ଉପସଭାପତି କଳାହାଣ୍ଡି ଲଳିତ ନାଏକ, ଜୟପାଟଣା ବ୍ଲକ ସଭାପତି ମନୋଜ କୁମାର ପାତ୍ର, ଧର୍ମଗଡ ବ୍ଲକ ସଭାପତି ଭାବେଶ ଗଣ୍ଡିଆ, ଉପ ସଭାନେତ୍ରୀ ଦ୍ରୌପଦି ମାଝି, ଭତ୍ରା ସମାଜର ସଭାପତି କୈଳାସ ଚନ୍ଦ୍ର ମାଝି, ବଂଜରା ସମାଜର ଜିଲା ସଭାପତି ଯଶୋବନ୍ତ ନାଏକ, କନ୍ଧ ସମାଜର ଜିଲା ସଭାପତି ରାଜେନ୍ଦ୍ର ଭୋଇ, ଗଣ୍ଡ ସମାଜର ଜିଲା ସଭାପତି ପଦ୍ମନ ପାତ୍ର, ଭୁଞ୍ଜିଆ ସମାଜର ଜିଲା ସଭାପତି ହିମାଞ୍ଚଳ ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଆଦିବାସୀ ସମାଜର ଉନ୍ନତି, ସମାଜରେ ନାରୀ ଶିକ୍ଷା, ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର ବ୍ଲକ ସମ୍ପାଦକ ତ୍ରିନାଥ ଶବର ଅତିଥି ପରିଚୟ ସହ ମଞ୍ଚ ସଂଯୋଜନା କରିଥିଲେ।

### ୧୯୪ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଖଡ଼ିଆଳ,୯।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ୍ ସମ୍ମିଳନୀ କକ୍ଷରେ ନୂତନ ୧୯୪ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଖଡିଆଳ ବିଡିଓ ବୀରସେନା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ମାଝି, କନିଷ୍ଠ ସହକାରୀ ପ୍ରସନ୍ନ ମେହେର ସହାୟତା କରିଥିଲେ।

### ଜାତୀୟ ରାଜପଥ ଖାଲଖମାପୂର୍ଣ୍ଣ

**ଖଡ଼ିଆଳ,୯।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲାର ଖଡ଼ିଆଳ ସହର ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥ ଶୋଚନୀୟ ହୋଇପଡିଛି। ରକ୍ଷଣାବେକ୍ଷଣ ଅଭାବରୁ ଜାତୀୟ ରାଜପଥ ସହରବାସୀଙ୍କ ପାଇଁ ସତେଯେପରି ମରଣଯନ୍ତା ପାଲଟିଛି। ଥାନା ଛକଠାରୁ ବୋଡ଼େନ ଛକ ପର୍ଯ୍ୟନ୍ତ କେଉଁଠି ପିଚୁ ଉଠିଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇଛି। ଅଗ୍ରସେନ ଭବନଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାଜପଥର ଅନେକ ସ୍ଥାନରେ ପରସ୍ତ ପରସ୍ତ ପିଚୁ ଉଠିଯାଇଛି। ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ହେଉଥିବା ନଜରକୁ ଆସିଛି। ତେବେ ଏସବୁ ଜାଣି ମଧ୍ୟ ଜାତୀୟ ରାଜପଥ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ କିମ୍ବା ଜନପ୍ରତିନିଧି ତୁରନ୍ତ ଏଥିରେ ହସ୍ତକ୍ଷେପକରି ରାଜପଥ ମରାମତି ଦିଗରେ ଦୃଷ୍ଟିଦେବାକୁ ସହରବାସୀ ଦାବି କରିଛନ୍ତି।

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**ନୂଆପଡ଼ା,୯।୮ (ମକାରୁ ବେମାଲ):** ନୂଆପଡ଼ା ରେଳ ଷ୍ଟେଶନର ୨ନଂ. ପ୍ଲାଟଫର୍ମରେ ଶୁକ୍ରବାର ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୃତବକ ଅପରାହ୍ନରେ ଯୁବକ ଜଣକ ୨ନଂ. ପ୍ଲାଟଫର୍ମରେ ଠିଆ ହୋଇଥିଲେ। ନୂଆପଡ଼ା ଦେଇ ଯାଉଥିବା ବିଳାସପୁର ତିରୁପତି ଏକ୍ସପ୍ରେସ ଆସିବା ମାତ୍ରେ ସେ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଫଳରେ ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା। କଣ୍ଟାବାଞ୍ଜି ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଯୁବକଙ୍କ ଘର ଛତିଶଗଡ଼ ରାଜ୍ୟ କେନ୍ଦୁକୋନା ଥାନା ଚରୋଦା ଗ୍ରାମରେ ବୋଲି ଜଣାପଡ଼ିଛି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ଜାମଖୁଣ୍ଟା ସେମିରେ

**ଖଡ଼ିଆଳ, ୯।୮ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଚାଲିଥିବା ୧୫ତମ ରାଜା ସ୍ୱର୍ଗତ ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିବସରେ ବଲାଙ୍ଗୀର ଜିଲାର ଜାମଖୁଣ୍ଟା ଓ ସିନାପାଲି ବ୍ଲକ୍‌ର ଚଟିଆଗୁଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜାମଖୁଣ୍ଟା ଦଳ ୩ -୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରି ଭାବରେ ତାପସ ପତି ଖେଳ ପରିଚାଳନା କରିଥିବା ବେଳେ ନିଲୁ ଭୋଇ ଓ ପୂରନ କରୁଆଁ ସହଯୋଗ କରିଥିଲେ। ଆସନ୍ତା ୧୨ରେ ଜାମଖୁଣ୍ଟା ଓ ପଲସାପଡା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ହେବ।

# କଳାହାଣ୍ଡି କିସ୍‌ରେ ବିଶ୍ୱ ଆଦିବାସୀ ଦିବସ




କିସ୍‌ରେ ବିଶ୍ୱ ଆଦିବାସୀ ଦିବସରେ ଅତିଥିଗଣ।

**ଭବାନୀପାଟଣା,୯।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବାଦିଲିସ୍ଥିତ କିସ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱାବସୁ ଶବର ସମାଜର ଜିଲା ସଭାପତି ଧନଞ୍ଜୟ ଶବର, ସମ୍ମାନିତ ଅତିଥି ସାମାଜିକ କର୍ମୀ ବୈଦ୍ୟରାଜ ପବିତ୍ର ଶବର, ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର ଡିଆଇସି ଧନଞ୍ଜୟ ଶବର, ସହ ସମ୍ପାଦକ ଓଡିଶା ଆଦିବାସୀ କଲ୍ୟାଣ ମହାସଙ୍ଘ ବିଦ୍ୟାଧର ଶବର, ପୁରାତନ ଛାତ୍ର କିସ ନୀଳାମ୍ବର ପାତ୍ର ଓ ମୁଖ୍ୟ ବକ୍ତା ଭାବରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଓଡିଶା ଆଦିବାସୀ କଲ୍ୟାଣ ମହାସଙ୍ଘ ପରମାନନ୍ଦ ମାଝି ଯୋଗଦେଇଥିଲେ। କିସ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁନିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଧନଞ୍ଜୟ ଶବର ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ଓ ଜୀବନ ଜୀବିକା ଉପରେ କହିବା ସହ ଆଦିବାସୀ ଛାତ୍ରୀଙ୍କୁ କିସ ଅନୁଷ୍ଠାନରେ ପାଠ ପଢିବା ସୁଯୋଗ ଦେଇଥିବାରୁ କିଟ ଓ କିସ୍‌ର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କୁ ଭୂୟଶୀ ପ୍ରଶଂସା କରିଥିଲେ। ସମାଜସେବା ପାଇଁ ବୈଦ୍ୟରାଜ ପବିତ୍ର ଶବରଙ୍କୁ କିସ କଳାହାଣ୍ଡି ତରଫରୁ ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଟୁକୁଲାଲ ଶବର ପରିଚାଳନା କରିଥିଲେ। କିସର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଉଦ୍‌ଘାଟିତ

**ଥୁଆମୂଳ ରାମପୁର,୯।୮(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ନୂତନ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଭର୍ଚୁଆଲ ମୋଡ୍‌ରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ଦିଶାରୀ, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଉଠାନ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡୁଛିନାଙ୍କ ସମେତ ଭାଜପା ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଉଠାନଙ୍କ ସୂଚନା ଅନୁଯାୟୀ, ଚଳିତ ଶିକ୍ଷାବର୍ଷଠାରୁ ଏହା ଅସ୍ଥାୟୀ ଭାବେ ମା' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପରିଚାଳିତ ହେବ।

### ପ୍ରସ୍ତୁତ ହେଉଛି ୧,୪୯,୫୦୦ ତ୍ରିରଙ୍ଗା



ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ।

**ଭବାନୀପାଟଣା,୯।୮ (ଉତ୍ତମ କୁମାର ଦାଶ)**

ସ୍ୱାଧୀନତାର ୭୮ତମ ପର୍ବ ପାଳନ ଓ ଆଜାଦି କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ସାରା ଦେଶରେ ପାଳନ କରାଯିବ। ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ନିର୍ଦ୍ଦେଶ ଅନୁଯାୟୀ କଳାହାଣ୍ଡି ଜିଲାର ପ୍ରତି ବ୍ଲକ ଓ ପଞ୍ଚାୟତ ସ୍ତରରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବ। ଏହି ଅବସରରେ ଶୁକ୍ରବାର ଭବାନୀପାଟଣା ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ ଅଧ୍ୟକ୍ଷତା କରିଥିଲେ। ଭବାନୀପାଟଣାରେ ଆସନ୍ତା ୧୩ ତାରିଖ ସକାଳ ସାଢେ ୭ଟା ସମୟରେ ତ୍ରିରଙ୍ଗା ଶୋଭାଯାତ୍ରା ରିଜର୍ଭ ପୋଲିସ ପଡିଆରେ ପହଞ୍ଚିବ। ଏଥିରେ ଏକ ଭ୍ରାମ୍ୟମାଣ ରଥ ସହ ମୋଟରସାଇକେଲ ରାଲି ଅଂଶଗ୍ରହଣ କରିବେ। ରିଜର୍ଭ ପଡିଆରେ ତ୍ରିରଙ୍ଗା ଶପଥ, ତ୍ରିରଙ୍ଗା କାନଭାସ, ତ୍ରିରଙ୍ଗା ସମ୍ମାନ, ତ୍ରିରଙ୍ଗା ସେଲଫି ସହ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକଙ୍କ ଘରେ ଜାତୀୟ ପତାକା ଉଡାଇବାକୁ ଆବଶ୍ୟକ ତ୍ରିରଙ୍ଗା ପ୍ରସ୍ତୁତ କରାଯାଉଛି। ଜିଲାରେ ପ୍ରାୟ ୧,୪୯,୫୦୦ ତ୍ରିରଙ୍ଗା ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଜାତୀୟ ଏକତା ଓ ଦେଶ ପ୍ରୀତି ପରି ଏକ ମହାନ ପରମ୍ପରାକୁ ବଜାୟ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୈଠକରେ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ବିଶ୍ୱ ଆଦିବାସୀ ଦିବସ ପାଳିତ

**ଆସନ୍ତାବର୍ଷରୁ ଅଗଷ୍ଟ ୯କୁ ସରକାରୀ ଛୁଟି ଘୋଷଣା ଦାବି**

**କେସିଙ୍ଗା,୯।୮ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର କନ୍ଧ ସମାଜ ପକ୍ଷରୁ ସଭାପତି ଶେଷଦେବ ମାଝିଙ୍କ ଆବାହକତ୍ୱରେ ବୋରିଙ୍ଗପଦରଠାରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ସମ୍ବିଧାନ ଅନୁସୂଚିତ ଜନଜାତି ଆଦେଶ ୧୯୫୦ ଅନୁଯାୟୀ ଓଡ଼ିଶାରେ ଅନୁସୂଚିତ ଜନଜାତି ୬୨ ପ୍ରକାର ତାଲିକାଭୁକ୍ତ ହୋଇଛନ୍ତି। ତନ୍ମଧ୍ୟରୁ କେସିଙ୍ଗା ବ୍ଲକ୍‌ର ୨୬ ଗ୍ରାମପଞ୍ଚାୟତ ଓ ଗୋଟିଏ ଏନ୍‌ଏସିରେ ୧୦ ଗୋଟି ଅନୁସୂଚିତ ଜନଜାତି ପରିବାରର ହାରାହାରି ୭୦ ପ୍ରତିଶତ ଅନୁସୂଚିତ ଜନଜାତି ଲୋକ ବସବାସ କରୁଛନ୍ତି। ମିଳିତ ଜାତିସଂଘ ଘୋଷଣା ଅନୁସାରେ ସାରା ବିଶ୍ୱରେ ଆଦିବାସୀ ଦିବସ ପାଳନ ହେଉଛି। ଏହି ସାମ୍ବିଧାନିକ ଅଧିକାରକୁ ବଜାୟ ରଖିବା ପାଇଁ କେସିଙ୍ଗା ବ୍ଲକ୍‌ର କନ୍ଧ ସମାଜ ଓ ଆଦିବାସୀ ସଂଘ ପ୍ରତିବର୍ଷ ଅଗଷ୍ଟ ୯କୁ 'ବିଶ୍ୱ ଆଦିବାସୀ ଦିବସ' ଭାବେ ପାଳନ କରିଆସୁଛି। ଏହି ଦିନକୁ ସରକାରୀ ଛୁଟି ଘୋଷଣା କଲେ ସମସ୍ତ ବର୍ଗର ଅନୁସୂଚିତ ଜନଜାତି ସାମିଲହୋଇ ପୂର୍ବପୁରୁଷଙ୍କୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେସିଙ୍ଗା ବିଡିଓଙ୍କୁ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ଦେବାକୁ ଆସିଥିବା ସମାଜର କର୍ମକର୍ତ୍ତା।

# ଜମିର ମାଲିକାନା ପାଇନାହାନ୍ତି ୬୭ ପରିବାର

**ଭବାନୀପାଟଣା,୯।୮ (ଉତ୍ତମ କୁମାର ଦାଶ)**

**ସରକାରୀ ସ୍ତରରେ ୪୬ବର୍ଷ ହେଲା ଥଇଥାନ ହେଲେଣି**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସୀମାରେ ରହିଥିବା ଶଗଡା ନଦୀରେ ୧୯୭୭ରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ସେ ସମୟରେ ଜୁନାଗଡ଼ ବ୍ଲକ ନନ୍ଦୋଲ ଗ୍ରାମର ୬୭ରୁ ଉର୍ଦ୍ଧ୍ୱ ଆଦିବାସୀ, ଦଳିତ ଓ ପଛୁଆ ବର୍ଗ ପରିବାରଙ୍କ ଘରଦ୍ୱାର ଭାଙ୍ଗିଯିବାରୁ ସରକାର ସେମାନଙ୍କୁ ଆଣି ନିକଟସ୍ଥ ବାଦଲଦେଇ ଗ୍ରାମରେ ଥିବା ଗୋଚର ଜମିରେ ଥଇଥାନ କରିଥିଲେ। ଉପର କଲୋନୀ ଓ ତଳ କଲୋନୀ ନାମରେ ଦୁଇଟି ବସତି ସ୍ଥାପନ କରି ଆଜି ପର୍ଯ୍ୟନ୍ତ ଏହି ପରିବାର ରହିଆସୁଥିଲେ ମଧ୍ୟ ସେମାନଙ୍କ ନାମରେ ଉକ୍ତ ଜମିର ମାଲିକାନା ସ୍ୱତ୍ୱ ନାହିଁ। ଉପର କଲୋନୀରେ ୪୫ ଓ ତଳ କଲୋନୀରେ ୨୨ ପରିବାର ଏବେ ବି ସେମାନଙ୍କ ପରିଚୟ ଖୋଜି ଚାଲିଛନ୍ତି। ସମୁଦାୟ ୬୭ ପରିବାର ସେତେବେଳର ଧର୍ମଗଡ ତହସିଲ ଓ ଏବେର ଜୁନାଗଡ଼ ତହସିଲରେ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ।

ସେମାନେ ଏବେ ସେହି ଗୋଚର ଜମିରେ ରହିଛନ୍ତି। ବର୍ତ୍ତମାନ ସରକାର ସରକାରୀ ଜମିରୁ ଉଚ୍ଛେଦ କରିବା ବିଷୟ ଘୋଷଣା କରିବା ପରେ ସେମାନେ ଆଶଙ୍କା ଭିତରେ କାଳାତିପାତ କରୁଛନ୍ତି। ଜବରଦଖଲ କରି ନ ଥିଲେ ମଧ୍ୟ ଉଚ୍ଛେଦ ହେବା ଭୟରେ ଦିନ କାଟୁଛନ୍ତି। ସରକାରଙ୍କ ଦ୍ୱାରା ଥଇଥାନ ହୋଇଥିଲେ ମଧ୍ୟ ଭୟ ଭିତରେ ରହିବାକୁ ବାଧ୍ୟ ହେଉଛନ୍ତି। ନନ୍ଦୋଲ ଆର୍‌ଆଇ ସର୍କଲ ବାଦଲଦେଇ ଗ୍ରାମରେ ଥିବା ଏହି ପରିବାରର ମୁଖ୍ୟମାନଙ୍କ ମଧ୍ୟରୁ କେତେଜଣ ମୃତ୍ୟୁବରଣ କରିସାରିଲେଣି ଓ ତାଙ୍କ ଉତ୍ତରାଧିକାରୀ ନିଜ ଅଧିକାରକୁ ସାବ୍ୟସ୍ତ କରିବାରେ ବିଫଳ ହେଉଛନ୍ତି। ସରକାରୀ ଅବହେଳା ଯୋଗୁ ଏହି ଗରିବ ପରିବାରର ଲୋକେ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି। ଏ ବିଷୟରେ ଗତ ଜୁଲାଇ ୩ରେ ଜିଲାପାଳଙ୍କ ଅଫିସରେ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନେଇ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସାମାଜିକ କର୍ମୀ ଦିଲୀପ କୁମାର ଦାସ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରି ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ପ୍ରଥମ ପର୍ଯ୍ୟାୟରେ ଜୁନାଗଡ଼ ତହସିଲଦାର ସୁର୍ମୀ ସୋରେନ ତଳ କଲୋନୀକୁ ପରିଦର୍ଶନରେ ଆସି ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। କିନ୍ତୁ ଉପର କଲୋନୀ ଗସ୍ତ କରିନାହାନ୍ତି। ଦୁଇଦିନ ତଳେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ମଙ୍ଗଳ ଅଧିକାରୀ ଚିଠି ଲେଖି ଜୁନାଗଡ଼ ତହସିଲଦାରଙ୍କୁ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ସୂଚାଇ ଦେଇଛନ୍ତି। ଏଥିରୁ ଗରିବ ପରିବାର ନ୍ୟାୟ ପାଇବେ ବୋଲି ଆଶା ବାନ୍ଧିଥିବା କହିଛନ୍ତି।

## ସଂକ୍ଷେପରେ

### ବସ୍ ଦୁର୍ଘଟଣାରେ ୧୯ ଆହତ



ବରଗଡ଼,୯।୮(ପ୍ରେମାନନ୍ଦ ଖମାରୀ): ବରଗଡ଼-ବଲାଙ୍ଗୀର ରାସ୍ତାର ବରପାଲି ନିକଟ କୁଶନପୁରୀ ପାଖରେ ଗୁରୁବାର ବିଳମ୍ବିତ ରାତିରେ ଏକ ଘରୋଇ ଯାତ୍ରୀବାହୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ୧୯ଯାତ୍ରୀ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲା। ତେବେ ଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ୧୭ଜଣଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇ ଥିବାବେଳେ ଜଣେ ଆହତଙ୍କୁ ଭୀମସାର୍ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟଜଣେ ଯାତ୍ରୀ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବସ୍ ସମ୍ବଲପୁରରୁ ଦାମନଯୋଡ଼ିକୁ ଯାଉଥିଲା। ତେବେ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଆହତ ଯାତ୍ରୀମାନେ କହିଛନ୍ତି।

### ଅଞ୍ଚଳ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପଦ୍ମପୁର,୯।୮(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ୟୁନିଟ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଏନ୍ଏସ୍ଏସ୍ ବିଭାଗୀୟ ଅଧିକାରୀ ଅଧ୍ୟାପକ ସଞ୍ଜୟ ଟିଗା ଏବଂ ଅଧ୍ୟାପିକା ବୁନୀ ସାହୁ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଥମେ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ ଏବଂ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷରୋପଣର ଉପକାରିତା ଉପରେ ଦିଗଦର୍ଶନ ଦେଇଥିଲେ। ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ ମଧ୍ୟ ବୃକ୍ଷରୋପଣ କରି ତାର ଯତ୍ନ ନେବାକୁ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଅଧ୍ୟାପିକା ସସ୍ମିତା ମେହେର ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ଯୋଗଦାନ କରିଥିଲେ। ସ୍ୱେଚ୍ଛାସେବୀମାନେ ତିନୋଟି ଗ୍ରାମ ଯଥା ଚାରପାଲି, ସିଂହନପୁର ଏବଂ ବରିକେଲ ଯାଇ ବୃକ୍ଷରୋପଣ କରିଥିଲେ ଏବଂ ଜନସାଧାରଣଙ୍କୁ ବୃକ୍ଷରୋପଣର ବିଷୟ ଉପରେ ବୁଝାଇଥିଲେ।

### କ୍ରାନ୍ତି ଦିବସରେ ରକ୍ତଦାନ ଶିବିର, ୩୨ ୟୁନିଟ୍ ରକ୍ତ ସଂଗ୍ରହ

ସୋହେଲା,୯।୮(ଅଶ୍ୱିନୀ କୁମାର ପାତ୍ର): ବରଗଡ଼ ଜିଲା ସୋହେଲାଠାରେ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିରକୁ ଭାଜପା ବରିଷ୍ଠ ନେତା ମନସୁର ଭୋପାଲା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁବିର ଭୋଇ, ଦିବ୍ୟ କିଶୋର ଭୋଇ, ପରମା ଦୀପ, ନାରାୟଣ ପଧାନ, ନାରେନ ଦାଶ, ସ୍ୱେଚ୍ଛାସେବୀ ଅନିଲ ପଧାନ ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ବରଗଡ଼ ରକ୍ତ ଭଣ୍ଡାରରୁ ଅମରଜିତ ମହାନ୍ତି, ନିହା ସାହୁ, ରାକେଶ ରଣା, କୃଷ୍ଣଚନ୍ଦ୍ର ସାହୁ, ଆବିଦ ଖାନ ଭ୍ରାମ୍ୟମାନ ରକ୍ତ ସଂଗ୍ରହ ଭ୍ୟାନ ଆଣି ରକ୍ତ ସଂଗ୍ରହ କରିଥିଲେ। ଶିବିର ଇମରାନ ଭୋପଲା ପରିଚାଳନା କରିଥିଲେ।

### ୪୮ ଭୂମିହୀନଙ୍କୁ ମିଳିଲା ଘରଡ଼ିହ ପଟ୍ଟା

ବରଗଡ଼,୯।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି ଗ୍ରାମରେ ଶୁକ୍ରବାର ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଲିଆପାଲି ପଞ୍ଚାୟତର କେନାଲ ପଡ଼ାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪୮ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାରଙ୍କ ସମେତ ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ଅବନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଷ୍ଟିମେୟଙ୍କ ହାତରେ ଏନ୍ଏସିର ଦୋକାନ ଗୃହ

**ଆଇନ ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ: ଏନ୍ଏସ ନିର୍ବାହୀ ଅଧିକାରୀ**

- ଏନ୍ଏସି ଭଡା ୪ ଶହ, ଲିଜ୍ ଧାରୀଠାରୁ ୫ ହଜାର
- ବକେୟା ଗଡୁଛି ୧୧ଲକ୍ଷ
- ପୌର ଆଇନର ଉଲ୍ଲଂଘନ ଅଭିଯୋଗ

ପଦ୍ମପୁର,୯।୮(ପ୍ରଦୀପ୍ତ ଦାଶ)




ପଦ୍ମପୁର ଏନ୍ଏସିର ଦୋକାନ ଗୃହ।

ବରଗଡ଼ ଜିଲା ପଦ୍ମପୁର ଏନ୍ଏସିର ଦୋକାନ ଗୃହ ମୁଷ୍ଟିମେୟଙ୍କ ହାତରେ ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ନିଜେ ଦୋକାନ କରିବା ପାଇଁ ଏନ୍ଏସିଠାରୁ ନେଇ ନିଜେ ନ କରି ତାହା ଭଡା ସୁତ୍ରରେ ଅନ୍ୟ ଜଣଙ୍କୁ ଦେଇଦେଲେ। ଏହା ଜଣେ କି ୨ ଜଣର କଥା ନୁହେଁ, ଏଭଳି ଉପାୟରେ ଅନେକ ମୁଷ୍ଟିମେୟ ଲୋକ ଏନ୍ଏସି ଷ୍ଟଲକୁ ଭଡାରେ ଲଗାଇ ମାଲାମାଲ ହେଉଛନ୍ତି। ଏହି ତାଲିକାରେ ଅନେକ ଛାମୁଆ ନେତା, ବଡ ବ୍ୟବସାୟୀ ଥିବା ଜଣାପଡିଛି। ସବୁଠାରୁ ବଡ କଥା ହେଉଛି ଏହି ପ୍ରଭାବଶାଳୀ ତଥା ମୁଷ୍ଟିମେୟ ଲୋକ କେବଳ ଦୋକାନ ଗୃହ ନିଜ ଦଖଲରେ ରଖିଛନ୍ତି ତା ନୁହେଁ ମାସ ମାସ ଧରି ଭଡା ବି ଦେଉନାହାନ୍ତି। ଯେଉଁ ଥିରେ ଏନଏସିର ଭଡ଼ା ମାର୍ଚ୍ଚ ମାସ ସୁଦ୍ଧା ୧୦ ଲକ୍ଷ ଟଙ୍କା ଉପରେ ବକେୟା ଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ନିଜେ ଦୋକାନ ନେଇ ଅନ୍ୟକୁ ଭଡା ଦେବା ପୌର ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଥିବା ବେଳେ ପ୍ରଶାସନ ଚୁପ ବସିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମିଳିଥିବା ତଥ୍ୟ ଅନୁସାରେ ପଦ୍ମପୁର ସହରରେ ଏନ୍ଏସିର ୧୭୯ଟି ଷ୍ଟଲ ଥିବା ବେଳେ ସେଥିମଧ୍ୟରୁ ୫ଟି ଷ୍ଟଲ ଓ ଗୋଟିଏ ଘର ଉପରେ ଅଦାଲତରେ ମାମଲା ଚାଲିଛି। ହସ୍ପିଟାଲ ରୋଡ, ଥାନା ଛକ, ବସ୍ତିରୋଡ, କଚେରୀ ପାର୍ଶ୍ୱ, ବିଜୁ କମ୍ପ୍ଲେକ୍ସ ଓ ତାର ପାର୍ଶ୍ୱରେ ଏହି ଦୋକାନ ଗୃହଗୁଡିକ ରହିଛି। ଏହାର ଭଡା ମୂଲ୍ୟ ୪୦୦ଟଙ୍କାରୁ ୧୫ ଟଙ୍କା ଥିବା ବେଳେ ମାସକୁ ଏନ୍ଏସି ୧ ଲକ୍ଷ ୪୭ ହଜାର ଟଙ୍କା ଭଡା ପାଉଛି। ବଜାର ମୂଲ୍ୟ ତୁଳନାରେ ଏହାର ଭଡା ବହୁତ କମ। କିନ୍ତୁ ଚିନ୍ତାର ବିଷୟ ହେଲା ଯେଉଁମାନେ ଦୋକାନ କରିବା ପାଇଁ ଭଡା ନେଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ଦୋକାନ ନ କରି ବରଂ ଚୁକ୍ତିନାମା ପରେ ତାହା ଭଡାରେ ଲଗାଇ ମାସିକ ରୋଜଗାରର ଏକ ମାଧ୍ୟମ କରିଦେଇଛନ୍ତି। ସ୍ଥାନର ଚାହିଦା ଅନୁସାରେ ୫ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ନେଉଛନ୍ତି। ବର୍ଷ ବର୍ଷ ଧରି ଏହି ବେପାର ଚାଲୁଥିଲେ ମଧ କାହାରି ପାଖରେ ପ୍ରତିବାଦର ସ୍ୱର ମଧ ବାହାରୁନାହିଁ। ଏନ୍ଏସିର ବିନା ଅନୁମତିରେ ଘର କୌଣସି ନିର୍ମାଣ ହୋଇପାରିବ ନି ବୋଲି ଚୁକ୍ତିପତ୍ରରେ ରହିଥିବା ବେଳେ ଅନେକ ବ୍ୟବସାୟୀ ଏହି ଷ୍ଟଲ ଭାଙ୍ଗି ନିଜ ମନମୁତାବକ ନିର୍ମାଣ କରୁଛନ୍ତି। ଅନେକ ସ୍ଥାନରେ ଦୁଇ ମହଲା କରିଥିବା ନଜିର ରହିଛି। ଏହି ତଥା କଥିତ ମୁଷ୍ଟିମେୟ ଉପରେ ପ୍ରଶାସନ କାହିଁକି ଅସହାୟ ହୋଇପଡିଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

> “ଏନ୍ଏସି ଦୋକାନ ଗୃହର ବକେୟା ଆଦାୟ ପାଇଁ ନୋଟିସ ଦିଆଯାଇଛି ଓ ଯେଉଁମାନେ ପୌର ଆଇନର ଖିଲାପ କରି ଭଡ଼ା ଦେଇଛନ୍ତି, ତାଙ୍କ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
> —ରାମଚନ୍ଦ୍ର ମାଝି, ନିର୍ବାହୀ ଅଧିକାରୀ ଏନ୍ଏସି, ପଦ୍ମପୁର



# ଫାଇଲେରିଆ ନିରାକରଣ ଶୋଭାଯାତ୍ରା



ଅମ୍ବାଭୋନା ବ୍ଲକରେ ଫାଇଲେରିଆ ନିରାକରଣ ଶୋଭାଯାତ୍ରା।

ବରଗଡ଼,୯।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାଇଲେରିଆ ନିରାକରଣ ପାଇଁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡଃ. ଟେମରାମ ଦେହେରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶୋଭାଯାତ୍ରାରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଉକ୍ତ ବ୍ଲକର କୁମ୍ଭୋ ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଥଣ୍ଡାରାମ ଦେହେରି, ମହିଳା ସ୍ୱାସ୍ଥ୍ୟକର୍ମୀ ଛବିରାଣୀ ନେଗୀ, ଆଶାକର୍ମୀ ସୁକେଶିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ପଞ୍ଚାୟତ ସରକାରୀ ହାଇସ୍କୁଲର ଶିକ୍ଷକ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ସାମିଲ ଥିଲେ। ସେହିପରି ବଡ଼ଧରା ଗ୍ରାମରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାକୁ ଶିକ୍ଷକ ରାଜକୁମାର ବଘେଲ, ବେଣୁଧର ପଧାନ, ବୁଲୁ ବିଶ୍ୱାଳ ପ୍ରମୁଖ ସଂଯୋଜନା କରିଥିଲେ। ଆଶାକର୍ମୀ ରୁକ୍ମିଣୀ ସାହୁ, ଦୁତିଆ ଭୁଏ ପ୍ରମୁଖ ସହଯୋଗ କରିଥିଲେ। ଅନୁରୂପ ଭାବେ ଲେଥେର, ଇଚ୍ଛାପୁର, ବୁଢ଼ୀପାଲି, ଘୁଗୁରାପାଲି ଆଦି ଗ୍ରାମରେ ସଚେତନତା ଶୋଭାଯାତ୍ରା ହୋଇଥିଲା। ସ୍ୱାସ୍ଥ୍ୟ ସୁପରଭାଇଜର ଗୋବିନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସବୁ ପରିଦର୍ଶନ କରିଥିଲେ।




ବୈଠକରେ ମଞ୍ଚାସୀନ ଜନ ପ୍ରତିନିଧି, ଅଧିକାରୀବୃନ୍ଦ।

# ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ

ବରଗଡ଼,୯।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ସଭାରେ ସଭାପତିତ୍ୱ କରିଥିଲେ। ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ, ଏମ୍‌ପିଙ୍କ ପ୍ରତିନିଧି ଗୁନାରୁ ପ୍ରଧାନ, ଗୋଷ୍ଠି ଉନ୍ନୟନ ଅଧିକାରୀ (ବିଡିଓ) ଶଙ୍କର ବାଗ, ତହସିଲଦାର ଆନନ୍ଦ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟା ନୀଲକୁମାରୀ ନାଏକ, କଳ୍ପନା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା କଳ୍ପନା ନାୟକ ପ୍ରମୁଖ ସଭାରେ ମଞ୍ଚାସୀନ ଥିଲେ। ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ସାଙ୍ଗକୁ ସାମଗ୍ରିକ ବିକାଶ ଉପରେ ଆଲୋଚନା ହୋଇଥିଲା।

ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ ବିଗତ ଅଧିବେଶନରେ ଆଲୋଚିତ ପ୍ରସ୍ତାବ ଆଗତ କରିଥିଲେ। ସେହିପରି ବିଭିନ୍ନ ସମସ୍ୟା ବିଧାୟକ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବ୍ଲକର ସମସ୍ତ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ପାଇଁ ବିଧାୟକ ଆଚାର୍ଯ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗରିବଙ୍କ ପ୍ରତି ଯଦି ଅନ୍ୟାୟ, ଅତ୍ୟାଚାର ହୁଏ, ତାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସେ ଉପସ୍ଥିତ ଅଧିକାରୀଙ୍କୁ ରୋକଠୋକ୍ ଶୁଣାଇ ଦେଇଥିଲେ। ଏହା ସହିତ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଧାୟକ ଆଚାର୍ଯ୍ୟ ସମସ୍ତ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଅଧ୍ୟକ୍ଷ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ।

### ମୃତଦେହ ଜବତ ଘଟଣା: ହତ୍ୟା ମାମଲା ରୁଜୁକଲା ପୋଲିସ

ଅତାବିରା,୯।୮(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ କୁଲିତା ଟୁକୁରା କେନାଲରୁ ଶ୍ରମିକଙ୍କ ମୃତଦେହ ଜବତ ଘଟଣା ଭିନ୍ନ ମୋଡ଼ ନେଇଛି। ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୨୮୭/୨୪) ରୁଜୁ କରିଛି। ୨ଜଣଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ କରୁଛି। ପ୍ରକାଶ ଯେ, କୁଲିତା ଟୁକୁରା ପଞ୍ଚାୟତ ଅନ୍ତର୍ଗତ ରାଧାପଡ଼ାର ବିଦେଶୀ ଗହୀର(୪୫) ବୁଧବାର ସନ୍ଧ୍ୟାରୁ ଘରୁ ବାହାରି ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ନିକଟସ୍ଥ କେନାଲରୁ ତାଙ୍କ କ୍ଷତାକ୍ତ ମୃତଦେହ ଜବତ କରାଯାଇଥିଲା। ଶୁକ୍ରବାର ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇଥିଲା। ମୃତକଙ୍କ ପୁଅ ସୁଶାନ୍ତଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଘଟଣାଦିନ ଏକ ଢ଼ାବାରେ ବିଦେଶୀ ଏବଂ ଅନ୍ୟ କେତେଜଣ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଯୋଗୁ ତାହା ହିଁ ହତ୍ୟାର କାରଣ ହୋଇଥାଇ ପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଅତିଶୀଘ୍ର ଉକ୍ତ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ଅତାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀ କହିଛନ୍ତି।

# ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ, କାର୍ଯ୍ୟକ୍ଷମ କରିବାକୁ ଦାବି



ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଥିବା ଅଙ୍ଗନୱାଡ଼ି କେନ୍ଦ୍ର।

ବରଗଡ଼,୯।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବରାହଗୋଡ଼ା ଗ୍ରାମର ପଞ୍ଚାୟତ ପଡ଼ାସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ଦୀର୍ଘ ୨ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି। ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଶୁକ୍ରବାର ପଡ଼ାବାସୀ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ତୁରନ୍ତ ସମାପନ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି।

ପ୍ରକାଶ ଯେ, ୨ବର୍ଷତଳୁ ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ନିର୍ମାଣ ସରି ନାହିଁ। ଏପରି କି ଗତ ୬ମାସ ହେଲା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅନ୍ୟପଟେ ଶିଶୁମାନଙ୍କୁ ବିପଦ ସଂକୁଳ ଅବସ୍ଥାରେ ରହିଥିବା ଏକ କ୍ଲବ ଘରେ ଶିକ୍ଷାଦାନ କରାଯାଉଛି। ଏ ନେଇ ବିଭାଗୀୟ ଅଧିକାରୀ, ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଫଳରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଥିବା ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ ସହିତ ତାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଯମୁନା ମେହେର, ସୁଜାତା ସାହୁ, ହେମନ୍ତ ସୁନା, ନିମାଇଁ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

# ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ ପାଇଁ ଦାବିପତ୍ର

ପାଇକମାଳ,୯।୮(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ଅଞ୍ଚଳରେ ଅନଔପଚାରିକ ଭାବେ ଦୀର୍ଘଦିନ ଧରି ବସବାସ କରୁଥିବା ଅନୁପ୍ରବେଶକାରୀଙ୍କୁ ବିତାଡିତ କରିବା ଦାବି ହୋଇଛି। ଦିନକୁ ଦିନ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପାଇକମାଳ ତଥା ପଶ୍ଚିମ ଓଡ଼ିଶାର ନୃସିଂହନାଥ ପର୍ଯ୍ୟଟନସ୍ଥଳୀ ଶାନ୍ତିଶୃଙ୍ଖଳାରେ ଅଞ୍ଚଳବାସୀ ବାସ କରନ୍ତି। ହେଲେ କେତେ ଦିନ ହେଲାଣି ହଜାର ହଜାର ସଂଖ୍ୟାରେ ଅନୁପ୍ରବେଶକାରୀ ଅଞ୍ଚଳକୁ ପ୍ରବେଶ କରି ପାଇକମାଳ ଓ ଗାଁଗୁଡ଼ିକର ବିଭିନ୍ନ ସ୍ଥାନରେ ବ୍ୟବସାୟୀ ନାମରେ ବାସ କରିଆସୁଛନ୍ତି। ବାଂଲାଦେଶୀ ଶରଣାର୍ଥୀ ଅନୁପ୍ରବେଶକାରୀଙ୍କ ଅନୈପଚାରିକ ଉପସ୍ଥିତି ଯୋଗୁ ଅଞ୍ଚଳରେ ଆଗାମୀ ଦିନରେ ଭୟାନକ ସାମାଜିକ ଓ ରାଜନୈତିକ ସଙ୍କଟ ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି, କିନ୍ତୁ ବିଭିନ୍ନ ସ୍ଥାନରେ ଅନୁପ୍ରବେଶକାରୀ ଆଡ୍ଡା ଜମାଇ ଆନନ୍ଦରେ ରହି ଚକ୍ରାନ୍ତ କରୁଥିବା ଜଣାପଡିଛି। ଅନୁପ୍ରବେଶକାରୀଙ୍କୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବି ନେଇ ଶୁକ୍ରବାର ପାଇକମାଳ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଓ ବିଡିଓ ପ୍ରଫୁଲ୍ଲ କୁମାର ଓଦୁଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ ଅନୁପ୍ରବେଶକାରୀମାନଙ୍କ ବିଧିବଦ୍ଧ ତଦନ୍ତ କରିବା ସହ ବ୍ଲକ ପରିସରରେ ରହୁଥିବା ଅନୁପ୍ରବେଶକାରୀଙ୍କୁ ଶୀଘ୍ର ବିତାଡିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ଜିଲା ପରିଷଦ ସଭ୍ୟା ତ୍ରିପୁରା ବରିହା, ସୁଶାନ୍ତ ନାଗ, ରୋଶନ ପାଣିଗ୍ରାହୀ, ଯୋଗେନ୍ଦ୍ର ଭୋଇ, କୈଳାସ ଦିଶ୍ରୀ, ପୁରନ୍ଦର ସାହୁ, ଅଜିତ ସାହୁ, ପୁରୁଷୋତ୍ତମ ନାଏକ, ନରୋତ୍ତମ ଦାସ, ସଭ୍ୟ ନାରାୟଣ ବେହେରା, ଏମ ଡି ରାଜା, ପଦ୍ମଲୋଚନ ବେରିଆଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କ୍ରାନ୍ତି ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି





କ୍ରାନ୍ତି ଦିବସ ପାଳନ କାର୍ଯ୍ୟକ୍ରମରେ ବରଗଡ଼ ପଞ୍ଚାୟତ କଲେଜର ଛାତ୍ରୀଛାତ୍ରବୃନ୍ଦ। ସୋହେଲା ମୁଖ୍ୟ ଛକଠାରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ବରିଷ୍ଠ ନାଗରିକମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ବରଗଡ଼/ସୋହେଲା,୯।୮
(ପ୍ରେମାନନ୍ଦ ଖମାରୀ/ ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ରାଣାପ୍ରତାପ ସ୍କୁଲରେ ଶୁକ୍ରବାର ସ୍କୁଲର ଭାରତୀ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସଦର ଛାତ୍ରୀମାନେ ଶହୀଦ କ୍ରାନ୍ତୀକାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦ ସମ୍ପାଦିକା ଅଶ୍ଳେଷା ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦ ସଭାନେତ୍ରୀ ରେଣୁକା ମହାନନ୍ଦଙ୍କ ସମେତ ଛାତ୍ରୀ ସାଲିନୀ ସା, ଏସ୍. ଶୁଭଶ୍ରୀ, କ୍ରୀଷ୍ଟିନା ମେହେର, ପ୍ରେରଣା ଦୀପ, ସିମ୍ରନ ମାଲି, ଯୋଗେଶ୍ୱରୀ କୁମ୍ଭାର ପ୍ରମୁଖ କ୍ରାନ୍ତୀ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଂସଦର ସମସ୍ତେ ସାମୁହିକ ଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଶିକ୍ଷୟିତ୍ରୀ ବବିତା ନାଏକ ଉପସ୍ଥିତ ରହି ଭାରତ ଇତିହାସର ଏହି ସ୍ୱର୍ଣ୍ଣିମ ଦିବସ ଉପରେ ଗଭୀର ଆଲୋକପାତ କରିଥିଲେ। ସଭାନେତ୍ରୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ପଞ୍ଚାୟତ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଉମେଶ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ଝରଣା ବିଶ୍ୱାଳ, ଡ. ପୁଷ୍ପିତାରାଣୀ ବେହେରା, ଡ. ସୁନୀତା ବେହେରା, ରୋଶନୀ ତିର୍କୀ, ସଂଯୁକ୍ତା ବକ୍‌ସଲା, ବିଜୟ ନାଗ, ହୃଦାନନ୍ଦ ଭୋଇ, ଡ. ବିଭୁତି ଭୂଷଣ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ। ଅଧ୍ୟାପକ ସମୀର ସେଠ, ଅଧ୍ୟାପିକା ଛନ୍ଦାରାଣୀ ବେସନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶଶିଭୂଷଣ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସୋହେଲାରେ ଶୁକ୍ରବାର କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ଛକରେ ଥିବା ସତ୍ୟାଗ୍ରହ ସ୍ମାରକୀ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ଶୁଭ ରଞ୍ଜନ ନାୟକ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସମେତ ଏଗାର ମୂର୍ତ୍ତିଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସେ ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ସେ ୧୮୫୭ ପରେ ଏହା ସର୍ବବୃହତ ବିପ୍ଳବ ଥିଲା ବୋଲି କହିଥିଲେ। ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ପୂର୍ବସୁରୀଙ୍କୁ ସ୍ମରଣ କରିବା ସହିତ ମହାତ୍ମା ଗାନ୍ଧୀଙ୍କ ଭାରତ ଛଡା ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସୁରେନ୍ଦ୍ର ମେହେର ଯୋଗଦେଇ ସତ୍ୟାଗ୍ରହୀ ମୂର୍ତ୍ତିମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୌରୀ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ। ଟ୍ରଷ୍ଟର ସଦସ୍ୟ ଡାକ୍ତର ଶିଶିର କୁମାର ସାହୁ, ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ପ୍ରମୋଦ ଚନ୍ଦ୍ର ଦେବତା, ଲଳିତ କୁମାର ଅଗ୍ରୱାଲ, ଦିଲୀପ ଖମାରୀ, ସଞ୍ଜୀବ ଝାଙ୍କର, ମୁକେଶ ଅଗ୍ରୱାଲ, ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମର ସର୍ବୋଦୟ ମଣ୍ଡଳର ସଭ୍ୟ ମୁକ୍ତେଶର ପ୍ରଧାନ ଓ ସତ୍ୟାନନ୍ଦ ପ୍ରଧାନ ଯୋଗଦେଇଥିଲେ।

# ରାସ୍ତାରେ ଜମୁଛି ଅଳିଆ, ବଢୁଛି ଅସନ୍ତୋଷ



ରାଉରକେଲା,୯।୮ (ଦିନେଶ ମିଶ୍ର)

ରାଉରକେଲା ସ୍ମାର୍ଟସିଟିର ବିଭିନ୍ନ ସ୍ଥାନରେ କୁଢ କୁଢ ଅଳିଆ ଗଦାହୋଇ ରହୁଥିବାବେଳେ ଆରଏମ୍‌ସି ପ୍ରଶାସନ ପକ୍ଷରୁ ସଫେଇ ହେଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଦୃଶ୍ୟ ଉଦିତନଗର ସ୍ଥିତ ନିବେଦିତା ସ୍କୁଲ ନିକଟରେ ଦେଖିବାକୁ ମିଳିଛି। ନିବେଦିତା ସ୍କୁଲ ନିକଟ ରାସ୍ତା ପାଖରେ କୁଢ କୁଢ ଅଳିଆ ଆଜିକୁ ୭ ଦିନ ଧରି ଜମି ରହିଥିବାବେଳେ ଏହାକୁ ସଫେଇ କରାଯାଇନାହିଁ। ଫଳରେ ଏହି ସ୍କୁଲ ବାଟଦେଇ ଯାତାୟାତ କରୁଥିବା ଲୋକେ ହଇରାଣ ହେଉଛନ୍ତି। ଅଳିଆ ରାସ୍ତା ଉପରେ ଜମି ରହିଥିବାରୁ ସ୍ଥାନୀୟ ବୁଲା ପ୍ରାଣୀ ଏହାକୁ ଗୋଡରେ ଖେଳାଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷେ ବର୍ଷାଦିନ ହୋଇଥିବାରୁ ଏହି ଅଳିଆଗୁଡିକ ଗୋଟିଏ ସ୍ଥାନରେ ଜମି ରହି ପଚିଶଢି ଦୁର୍ଗନ୍ଧ ହେଉଛି। ସହରରେ ଦିନକୁ ଦିନ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ବଢୁଥିବା ବେଳେ ଉକ୍ତ ସ୍ଥାନରେ ଅଳିଆ ଜମିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ସ୍ଥାନୀୟ ଆରଏମ୍‌ସି ସଫେଇ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଦେଶୀ ଉଭାନ, ମିଳୁଛି କେମିକାଲଦିଆ ମାଛ

ରାଉରକେଲା,୯।୮ (ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା ବଜାରରେ ବସିଥିବା ମାଛ ପସରା ।

**ରାଉରକେଲା ଆମିଷ ବଜାର**
- ବ୍ରାହ୍ମଣୀ, କୋଏଲ ଓ ଶଙ୍ଖ ନଦୀ ପ୍ରଦୂଷିତ
- ରାସାୟନିକ ପଦାର୍ଥ ଯୋଗୁ ମାଛ ବଂଶ ଲୋପ
- କୌଳିକ ବୃତ୍ତି ହରାଉଛନ୍ତି ମତ୍ସ୍ୟଜୀବୀ

ରାଉରକେଲାରେ ବସବାସ କରୁଥିବା ମତ୍ସ୍ୟଜୀବୀମାନଙ୍କୁ ଆଉ ପୂର୍ବଭଳି ବ୍ରାହ୍ମଣୀ, କୋଏଲ ଓ ଶଙ୍ଖ ନଦୀରୁ ଭଳିକି ଭଳି ମାଛ ମିଳୁନାହିଁ। ସମୟ ଥିଲା ଉକ୍ତ ୩ ନଦୀରୁ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀମାନେ ଜାଲ ପକାଇ ଦୈନିକ କୁଇଣ୍ଟାଲ କୁଇଣ୍ଟାଲ ମାଛ ଧରୁଥିଲେ। ମାତ୍ର ବର୍ତ୍ତମାନ ଆଉ ପୂର୍ବ ସ୍ଥିତି ନାହିଁ। ଦିନ ତମାମ ନଦୀରେ ଜାଲ ପକାଉଥିଲେ ମଧ ମତ୍ସ୍ୟଜୀବୀମାନଙ୍କୁ ପରିଶ୍ରମ ମୁତାବକ ମାଛ ମିଳୁନି। ଏହାର ପ୍ରଭାବ ମଧ ରାଉରକେଲା ମାଛ ବଜାରର ଉପରେ ପଡୁଥିବା ଜଣାପଡିଛି।

ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ କହିବା ଅନୁସାରେ, ରାଉରକେଲା ସହରରେ ଶତାଧିକ ଖୁଚୁରା ଓ ହୋଲସେଲ ମାଛ ବେପାରୀ ଅଛନ୍ତି। ଏମାନଙ୍କ ପାଇଁ ଆର୍‌ଏମ୍‌ସି ଓ ଆର୍‌ଏସ୍‌ପି ପକ୍ଷରୁ ସ୍ୱତନ୍ତ୍ର ଆମିଷ ବଜାର ବ୍ୟବସ୍ଥା କରାଯାଇଛି। ଆମିଷ ବଜାରରେ ଦୈନିକ ୭୦କୁଇଣ୍ଟାଲରୁ ଅଧିକ ମାଛ ବିକ୍ରି ହେଉଛି। ମାତ୍ର ଅଧିକାଂଶ ମାଛ କେରଳ, ପଶ୍ଚିମବଙ୍ଗ, ଛତିଶଗଡରୁ ଆସୁଛି। ସହରରେ ବିକ୍ରି ହେଉଥିବା ମାଛଗୁଡିକୁ ନାନା ପ୍ରକାରର କେମିକାଲ ଦେଇ ସତେଜ କରି ଦୀର୍ଘଦିନ ରଖାଯାଉଛି। ଫଳରେ ଲୋକେ ଦେଶୀ ବଦଳରେ କେମିକାଲ ଦିଆ ମାଛ କିଣୁଛନ୍ତି। ଏହାଦ୍ୱାରା ସହରବାସୀ ନାନାଦି ରୋଗର ଶିକାର ହେଉଛନ୍ତି। ଅନ୍ୟପକ୍ଷେ ନଦୀରେ ମାଛ ଅଭାବରୁ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ କୌଳିକ ବୃତ୍ତି ବୁଡିବାକୁ ବସିଛି।

ଅନ୍ୟପଟେ ପ୍ରଶାସନର ବାରଣ ଏବଂ ତାଗିଦ ସତ୍ତ୍ୱେ ତିନି ପ୍ରମୁଖ ନଦୀକୁ ରାସାୟନିକ ଓ ବିଷାକ୍ତ ଦ୍ରବ୍ୟଯୁକ୍ତ ଉପାଦାନ ଛଡାଯାଉଛି। ଫଳରେ ଏହାର ପ୍ରଭାବ ସିଧାସଳଖ ଜଳଜୀବଙ୍କ ଉପରେ ପଡୁଛି। ଉକ୍ତ ନଦୀରୁ ପୂର୍ବରୁ ପ୍ରବଳ ମାତ୍ରାରେ ବଳିଆ, କଣା, ବାମୀ ବା ବଏଁରା, ରୋହୀ, ଶେଉଳ ଆଦି ଦେଶୀ ମାଛ ମିଳୁଥିଲା। ମାତ୍ର ଏବେ ସେହି ଜଳଜୀଙ୍କ ବଂଶ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଗଲାଣି। ଏହା ଉପରେ ପ୍ରଦୂଷଣ ବିଭାଗ, ମତ୍ସ୍ୟ ବିଭାଗ ଓ ଆର୍‌ଏମ୍‌ସି ଅବଗତ ଥିଲେ ସୁଦ୍ଧା ନଦୀଗୁଡିକୁ ଅପମିଶ୍ରଣ ମୁକ୍ତ କରାଯାଇପାରୁ ନ ଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଅର୍ଜୁନ ନାଏକ, ଅଜୟ ନାଏକ, ବିପିନ ଟପ୍ପୋ ପ୍ରମୁଖ କୁହନ୍ତି।

ଏ ସମ୍ପର୍କରେ ସହରର କୈବର୍ତ୍ତ ସମାଜ ସଭାପତି ଚନ୍ଦ୍ରମଣି ମାଝି କୁହନ୍ତି, ସହରରେ ମତ୍ସ୍ୟଜୀବୀଙ୍କ ସଂଖ୍ୟା ପ୍ରାୟ ୯ହଜାରରୁ ଊର୍ଦ୍ଧ୍ୱ ହେବ। ୪ଶହରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ନଦୀ ପରିବର୍ତ୍ତେ ବାହ୍ୟ ଅଞ୍ଚଳରୁ ମାଛ କିଣି ବଜାରରେ ବିକ୍ରି କରୁଛନ୍ତି। ପୂର୍ବଭଳି ନଦୀରୁ ମାଛ ମିଳୁନାହିଁ। ନଦୀଗୁଡିକରେ ଅପମିଶ୍ରିତ ଉପାଦାନ ବୃଦ୍ଧି ଯୋଗୁ ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହେଉଛି। ଆଗକୁ କୈବର୍ତ୍ତ୍ୟ ସମାଜ ପକ୍ଷରୁ ଏ ନେଇ ସ୍ୱର ଶାଣିତ କରାଯିବ ବୋଲି ମାଝି କହିଥିଲେ। ସେହିପରି ରାଉରକେଲା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ନଦୀରେ ମାଛ ବଂଶ ଲୋପ ହେଉଥିବା ଅଭିଯୋଗ କେତେଦୂର ଯୁକ୍ତିଯୁକ୍ତ ତାର ସମୀକ୍ଷା କରାଯିବ। ମାତ୍ର ମୋ ଜାଣିବାରେ ନଦୀଗୁଡିକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହ ନଦୀ ପ୍ରଦୂଷଣ ରୋକିବା ପାଇଁ ବାଲୁଘାଟରେ ସୁଦୀର୍ଘ ପୋଖରୀ ନିର୍ମାଣ ହୋଇସାରିଛି। ଏହାସତ୍ତ୍ୱେ ନଦୀରେ ଅପମିଶ୍ରିତ ଉପାଦାନ ମିଶୁଥିଲେ ତାହା ପରେ ତର୍ଜମା ହେବ ଓ ଉଚିତ ପଦକ୍ଷେପ ନିଆଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

# ଝିରପାଣିରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ରାଉରକେଲା,୯।୮ (ସଙ୍ଗୀତା ଜେନା)

ରାଉରକେଲା ଉପକଣ୍ଠ ବିଶ୍ରା ବ୍ଲକର ଝିରପାଣି ଗ୍ରାମପଞ୍ଚାୟତରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ଅଜିତ ତିର୍କୀ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ସୁଶୀଲ କିଣ୍ଡୋ, ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ସମିତି ସଦସ୍ୟ ପ୍ରତିମା ପାତ୍ର, ଖାଡିଆ ସମାଜ ମୁଖ୍ୟ ରାମଚନ୍ଦ୍ର ଖାଡିଆ, ଓରାମ ସମାଜ ମୁଖ୍ୟ ସୋମା ଓରାମ, ଜଗଦା ଓରାମ, ସମାଜ ମୁଖ୍ୟ ମହାଲି ଓରାମ, କିଷାନ ସମାଜ ମୁଖ୍ୟ କାଲୋ ଲାକ୍ରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଦିବାସୀମାନେ ନିଜ ପରମ୍ପରା ଓ ପ୍ରକୃତି ବନ୍ଦନ ଜାରି ରଖିଛନ୍ତି। ଆଧୁନିକ ଜ୍ଞାନକୌଶଳ, ଶିକ୍ଷା ଗ୍ରହଣ କରୁଥିଲେ ମଧ୍ୟ ସେମାନେ ନିଜର ପରମ୍ପରାକୁ କେବେ ଭୁଲିବେ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଧନୁତୀର ପ୍ରତିଯୋଗିତା। ଏଥିରେ ପ୍ରାୟ ୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜୁ ଖାଡିଆ ପ୍ରଥମ, ସୁରେଶ କେର୍କେଟା ଦ୍ୱିତୀୟ ଏବଂ ପାସ୍‌କଲ କିଷାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ଖାଡ଼ିଆ ସମାଜ ପକ୍ଷରୁ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରଥମ କରି ଝିରପାଣିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ବନ୍ଧମୁଣ୍ଡାରେ ଆଦିବାସୀ ଯୁବାମଞ୍ଚ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଆଦିବାସୀ କ୍ଲବର ଉପଦେଷ୍ଟା ଲିଲମୋହନ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନର ଜନ୍ ଭେଙ୍ଗରା, ଦିଲୀପ ଦେମତା, ରାଉତ ହୋନାଗା, ରାଜକିଶୋର ସୋଏ, ପରିଆ ରେଖା କରାଇଙ୍କ ସମେତ ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ପାରମ୍ପରିକ ବାଦ୍ୟ ଓ ଗୀତ ସହ କାର୍ଯ୍ୟକ୍ରମ ପାଳିତ ହୋଇଥିଲା।




ବିଜୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଇନର ହୁଇଲ କ୍ଲବର ପଞ୍ଚମ ଅଧିଷ୍ଠାନ ଦିବସ ପାଳିତ

ରାଉରକେଲା,୯।୮ (ଦିନେଶ ମିଶ୍ର)

ଇନର ହୁଇଲ କ୍ଲବ ଅଫ ରାଉରକେଲା ରିଭରସାଇଡ ପକ୍ଷରୁ ପଞ୍ଚମ ଅଧିଷ୍ଠାନ ଦିବସ ବ୍ରାହ୍ମଣୀ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଏଥିରେ କ୍ଲବର ବିଦାୟୀ ସଭାପତି ପ୍ରମିଳା ମିଶ୍ର ଓ ସାଧାରଣ ସମ୍ପାଦକ ମହିମା ମହାପାତ୍ର ନୂତନ ସଭାପତି ଅଜିତା ମହାନ୍ତି ଓ ନୂତନ ସାଧାରଣ ସମ୍ପାଦିକା ସୁପ୍ରିୟା ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପି.ପି ଡକ୍ଟର ମିନତୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରଏସ୍‌ପି ସଞ୍ଚାର ବିଭାଗର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆରଜିଏଚ୍‌ର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ସନ୍ଧ୍ୟାରାଣୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ବୋଲି ମତ ରଖିଥିଲେ। ଏହି ଅବସରରେ ସମାଜସେବୀ ଆଦିତ୍ୟ ମହାପାତ୍ର ଓ ଲଲାଟେନ୍ଦୁ ପ୍ରଧାନଙ୍କୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସୁଶ୍ରୀ ସ୍ନେହା ପଣ୍ଡାଙ୍କୁ ଏକ ସାଇକେଲ ଓ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ସଭାରେ ରଞ୍ଜିତା ପାଣିଗ୍ରାହୀଙ୍କୁ ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ପିନ୍ ପ୍ରଦାନ କରାଯାଇଥିଲା। ଅର୍ଚ୍ଚନା ଦେବତା, ପ୍ରତିମା ମହାପାତ୍ର, ଆରତୀ ଷଡଙ୍ଗୀ, ରୀତାଞ୍ଜଳି ରାୟ, ଅନିତା ନାୟକ, ମଞ୍ଜୁବାଳା ପାଢୀ, ସୋନିଆ ମାଝୀ, ଡକ୍ଟର ସଂଯୁକ୍ତା ପତି, ମମତା ପାଠୀ, ମଞ୍ଜୁବାଳା ପାତ୍ର, ଉତ୍ପଳ ସାହୁ, ବୀଣାପାଣି ରାୟ, ଅମ୍ରିତା ତ୍ରିପାଠୀ, ଡକ୍ଟର ତନୁଶ୍ରୀ ଜେନା, ବାଣାପାଣି ରାୟ ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି କାବେରୀ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।




ରାଉରକେଲା ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିକ୍ଷୋଭ ପ୍ରଦର୍ଶନ, ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ

**ସରକାରୀ ଜମି ଜବରଦଖଲକାରୀଙ୍କୁ ହଟାଇବା ନିଷ୍ପତ୍ତିର ପୁନର୍ବିଚାର ଦାବି**

ରାଉରକେଲା,୯।୮ (ବିପ୍ଳବ ରଞ୍ଜନ ଦାଶ) ସରକାରୀ ଜମି ଜବରଦଖଲ ହଟାଇବା ନିଷ୍ପତ୍ତିର ପୁନର୍ବିଚାର ଦାବିରେ ସୁନ୍ଦରଗଡ଼ ଜିଲା ପେଶା ଗ୍ରାମସଭା ସହ ସଂଯୋଜକ କମିଟି ପକ୍ଷରୁ ଶୁକ୍ରବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସରକାରୀ ଜମି ଜବରଦଖଲ କରି ରହୁଥିବା ଲୋକଙ୍କୁ ହଟାଇବା ପାଇଁ ଜିଲାପାଳମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶର ପୁନର୍ବିଚାର ନ କରି ଏହାକୁ ଲାଗୁ କରିବା ଠିକ୍ ନୁହେଁ। ଏଥିସହ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗରିବ ଲୋକମାନେ ଜବରଦଖଲ କରି ରହୁଥିବା ସରକାରୀ ଜମି ଗୁଡିକର ସର୍ଭେ କରି ତାଙ୍କ ନାମରେ ରୟତି ପଟ୍ଟା କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ସହରାଞ୍ଚଳରେ ସରକାରୀ ଜାଗାକୁ ଜବରଦଖଲ କରି ରହୁଥିବା ବସ୍ତି ବାସିନ୍ଦାମାନଙ୍କୁ ଜାଗା ମିଶନ ଯୋଜନାରେ ଅନ୍ତର୍ଭୁକ୍ତ କରି ଘରଡିହ ପଟ୍ଟା ପ୍ରଦାନ କରିବାକୁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ସୁନ୍ଦରଗଡ ହେଉଛି ଆଦିବସୀ ବହୁଳ ଜିଲାଶ। ଏଠାରେ ଦିନକୁ ଦିନ ବାହ୍ୟ ପ୍ରଦେଶର ଲୋକମାନଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଫଳରେ ଆଦିବାସୀମାନଙ୍କ ଜମି ସୁରକ୍ଷା ପ୍ରତି ବିପଦ ବଢିବାରେ ଲାଗିଛି। ରାଉରକେଲା ସହରର ଜମି ମାଫିଆମାନେ ଏହାର ସୁଯୋଗ ନେଇ କେତେକ ଅସାଧୁ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସହ ମଧୁଚନ୍ଦ୍ରିକା କରି ଅଞ୍ଚଳର ନିରୀହ ଆଦିବାସୀମାନଙ୍କ ଜମିକୁ ହଡପ କରି ଚାଲିଛନ୍ତି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ଜିଲା ପେଶା ଗ୍ରାମସଭା ସହ ସଂଯୋଜକ କମିଟି ସଭାପତି ବୁଧୁଆ ଜୋଜୋ, ଉପସଭାପତି ପିଟର ଟପ୍ପୋ, ସମ୍ପାଦକ ସଦଗ୍ୟାନ ଇନ୍ଦୁ ଆର, ସହ ସମ୍ପାଦକ ବିଲିୟାମ ମୁଣ୍ଡା, କୋଷାଧ୍ୟକ୍ଷ ବିଲାସୀ ମୁଣ୍ଡାରୀ, ବନ୍ଧନୀ ଓରାମ, ପ୍ରମିଳା ଭୂମିଜ, ନିଶବେନ ସମାଦ, ମାଙ୍ଗା ଓରାମଙ୍କ ସମେତ ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ଅଂଶଗ୍ରହଣ କରିଥିଲେ।

# ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ଶୋକସଭା

ରାଉରକେଲା,୯।୮ (ସଙ୍ଗୀତା ଜେନା)

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇ(ଏମ୍)ର ପୂର୍ବତନ ପଲିଟବ୍ୟୁରୋ ସଦସ୍ୟ କମ୍ରେଡ୍ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଗୁରୁବାର ୮୦ ବର୍ଷ ବୟସରେ କଲିକତା ସ୍ଥିତ ବାସଭବନରେ ଦେହାନ୍ତ ହୋଇଛି। ତାଙ୍କ ସ୍ମୃତିରେ ସିପିଆଇ(ଏମ୍) ରାଉରକେଲା ଆଞ୍ଚଳିକ କମିଟି ଓ ସିଟୁ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ସେକ୍ଟର-୧୬ ଶ୍ରମିକ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଦିବଂଗତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଟୁ ଜିଲା ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ସିପିଆଇଏମ୍ ଜିଲା ସମ୍ପାଦକ ମଣ୍ଡଳୀ ରାଜକିଶୋର ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବି. ପି ମହାପାତ୍ର, ଅଜୟ ଶର୍ମା, ରାଉରକେଲା ସିପିଆଇଏମ୍ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ସୁରେନ୍ଦ୍ର ମହାନ୍ତି, ଏନ୍. ଏନ୍ ପାଣିଗ୍ରାହୀ, ଲକ୍ଷ୍ମୀଧର ନାୟକ , ପ୍ରମୋଦ ପରିଡ଼ା, କୁଳମଣି ରାଉତ, ଆଦିତ୍ୟ ନାୟକ, ଅମରେଶ ରାୟ, ଜେ. କେ. ସାହୁଙ୍କ ସମେତ ଦଳର ବହୁ ସଦସ୍ୟ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃମଣ୍ଡଳୀ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଈ ମୃତ

ରାଉରକେଲା,୯।୮ (ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଆଞ୍ଚଳିକ ଶ୍ରମ କାର୍ଯ୍ୟାଳୟ ପରିସରରେ ଥିବା ବିଦ୍ୟୁତ ତାର ଆର୍ଥିଙ୍ଗ ସଂଯୋଗରେ ଆସିଯିବାରୁ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଶ୍ରମ କାର୍ଯ୍ୟାଳୟର ଗେଟ୍ ଖୋଲା ଥିବାରୁ ଗାଈଟି ପଶିଯାଇଥିଲା। ସେଠାରେ ଚରୁଥିବାବେଳେ ହଠାତ ତାର ସଂସ୍ପର୍ଶରେ ଆସିଯିବାରୁ ତାର ମୃତ୍ୟୁ ହୋଇଥିଲା ବୋଲି ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି।

# କଞ୍ଜ୍ୟୁମର ହ୍ୟାଣ୍ଡଲୁମ୍, ହ୍ୟାଣ୍ଡିକ୍ରାଫ୍ଟ ଏକ୍ସପୋ ମେଳା ଉଦ୍‌ଘାଟିତ

ରାଉରକେଲା,୯।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସାଇ ଏଣ୍ଟରଟେନମେଣ୍ଟ ଗ୍ରୁପ୍ ପକ୍ଷରୁ ସେକ୍ଟର-୧୩ ମେଲଣ ପଡିଆରେ ରାଉରକେଲା କଞ୍ଜ୍ୟୁମର ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ଏକ୍ସପୋ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ମୁଁ ଓଡିଆ ମୁଁ ଗର୍ବିତର ଅଧକ୍ଷ ବିଭୁଦାନନ୍ଦ ତ୍ରିପାଠୀ ଓ ଭାଜପା ରାଜ୍ୟ ପ୍ରବକ୍ତା ଧିରେନ ସେନାପତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମେଳାରେ ୨୨ଟି ରାଜ୍ୟର ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ସାମଗ୍ରୀ ସହ ଆଫଗାନିସ୍ଥାନର ଡ୍ରାଏ ଫ୍ରୁଟ୍‌ସ୍, ବାଙ୍ଗଲାଦେଶର ଶାଢି ଓ ମାଲେସିଆର ଟପ୍ ମଧ ଉପଲବ୍ଧ ରହିବ। ଏଥିସହ ମେଳାରେ ଭଳିକି ଭଳି ଅତ୍ୟାଧୁନିକ ବିଦ୍ୟୁତ ସାମଗ୍ରୀ, ଘରୋଇ ସାମଗ୍ରୀ, ବନାରସୀ ଶାଢି, ବନ୍ଧନୀ ସୁଟ୍‌ସ ଓ ଶାଢି, ଲକ୍ଷ୍ନୌର ଚିକେନ କାମ, ପଞ୍ଚମପାଲ୍ଲୀ ଶାଢି, ପଟିଆଲା କୁର୍ତ୍ତୀ, କଲିକତା ଗହଣା, ଖୁରଜା କ୍ରୋକରୀ, ଖଦୀ ସାମଗ୍ରୀ, ରାଜସ୍ଥାନୀ ଆଚାର, ଜୟପୁରର ଚୁରନ ପ୍ରମୁଖ ବହୁ ସୁନ୍ଦର ସୁନ୍ଦର ନିତ୍ୟ ବ୍ୟବହାର୍ଯ୍ୟ ସରଞ୍ଜାମ ଓ ଖାଦ୍ୟ ପସରା ଖୋଲିବ। ମେଳାର ଅନ୍ୟତମ ଆକର୍ଷଣ ସାଜିବ ଦୁବାଇ ସିଟି ଥିମ୍‌ର ସେଲ୍‌ଫି ପଏଣ୍ଟ। ବର୍ଷା ସମୟରେ ଲୋକମାନଙ୍କ ସୁବିଧା ପାଇଁ ସମସ୍ତ ଷ୍ଟଲ ହ୍ୟାଙ୍ଗର ମଧରେ ରହିବ ୱାଟର ପ୍ରୁଫ୍ ଛାତ ବ୍ୟବସ୍ଥା। ଏକ୍ସପୋର ସମସ୍ତ ସାମଗ୍ରୀ ସାଧାରଣ ଭାବେ ବଜାରରେ ଉପଲବ୍ଧ ହେଉ ନ ଥିବା ବେଳେ ରାଉରକେଲାବାସୀଙ୍କୁ ଏକ୍ସପୋ ବ୍ରାଣ୍ଡ ସାମଗ୍ରୀ କିଣିବାର ଅନନ୍ୟ ସ୍ୱାଦ ପ୍ରଦାନ କରିବ। ଏଣୁ ମେଳାକୁ ସଫଳ କରିବା ସହ ଭରପୁର ଆନନ୍ଦ ନେବା ପାଇଁ ସାଇ ଏଣ୍ଟରଟେନମେଣ୍ଟ ଗ୍ରୁପ୍‌ର ନିର୍ଦ୍ଦେଶିକା ଲୀନା ନାୟକ, ଇଭେଣ୍ଟ ମ୍ୟାନେଜର ଏସ୍. କେ. ଅନାର, ସଞ୍ଜୀବ ଗୋଡକିଆ, ବିକାଶ ଜଶୱାଲ, ରୋହିତ ଚୌରାସିଆ, ସଞ୍ଜୀବ ତିୱାରୀ ପ୍ରମୁଖ ଉଦଘାଟନୀ ସମାରୋହରେ ସୂଚନା ପ୍ରଦାନ କରିଛନ୍ତି।



ଅତିଥିମାନେ ଏକ୍ସପୋ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ଆଦିବାସୀ ପରମ୍ପରା, ଅସ୍ମିତା ଉପରେ ଆଲୋଚନା

ରାଉରକେଲା,୯।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ ସ୍ଥିତ ରାଉରକେଲା ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ, ଅଗଷ୍ଟ କ୍ରାନ୍ତି ଦିବସ ଓ ଗଙ୍ଗାଧର ଜୟନ୍ତୀ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସମାରୋହ କଲେଜର ପ୍ରାଧ୍ୟାପିକା ତପସ୍ୱିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସମାରୋହରେ କଲେଜ ଅଧକ୍ଷ ଡକ୍ଟର ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସର ଗାରିମା, ଐତିହ୍ୟ ଓ ଉଦ୍ଦେଶ୍ୟ ସହ ଅଗଷ୍ଟ କ୍ରାନ୍ତିର ଐତିହାସିକ ଘଟଣାବଳୀ ଉପସ୍ଥାପନ କରି ଛାତ୍ରୀଛାତ୍ରମାନଙ୍କ ହୃଦୟରେ ଦେଶପ୍ରେମ ଭାବନା ଜାଗ୍ରତ କରାଇଥିଲେ। ପ୍ରାଧ୍ୟାପିକା ତପସ୍ୱିନୀ ମିଶ୍ର ଉକ୍ତ ଦିବସ ଗୁଡିକର ମହତ୍ତ୍ୱ ଉପରେ ପିଲାମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ପରେ ବରିଷ୍ଠ ଅଧ୍ୟାପକ ଅନୁପ ଏକ୍କା ଓରାମ ଆଦିବାସୀ ସମ୍ପ୍ରଦାୟର ଇତିହାସ ଓ ସଂସ୍କୃତି ଉପରେ ଏବଂ ପ୍ରାଧ୍ୟାପିକା ଭାରତୀ ବରୱା କିଷାନ ଆଦିବାସୀ ସମ୍ପ୍ରଦାୟର ପରମ୍ପରା ଓ ଅସ୍ମିତା ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନ ସମାରୋହ ସଂଯୋଜନା କରିବା ସହିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମାଟି ପ୍ରୀତି ଏବଂ ଅମଳିନ ସାହିତ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଛାତ୍ରୀ ରାନୀ କୁମାରୀ କବିତା ଆବୃତ୍ତି କରିଥିବା ବେଳେ କଲେଜର ଶତାଧିକ ଛାତ୍ରୀଛାତ୍ର ଆଦିବାସୀ ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ରର ତାଳେ ତାଳେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାଧ୍ୟାପକ ରିତ ପ୍ରଧାନ, ପ୍ରାଧ୍ୟାପିକା ବନ୍ଦନା ସେରେଙ୍ଗ, ପ୍ରାଧ୍ୟାପିକା ମନୋଜ ଦଳେଇ, ଅନାମିକା କୁଲ୍ଲୁ, ଅନୁପମା ଲୁଗୁନ, ପ୍ରିୟଙ୍କା ପଲେଇ, ପ୍ରତିମା ଷଡଙ୍ଗୀ, ସନ୍ତୋଷ ରଜାକ, ଦୁର୍ଯ୍ୟୋଧନ ଖଟୁଆ, ରାଜକୁମାର ସାହୁ, ଅରୁଣ ନାୟକ, ଗିରୀଶ ପରିଡା, ଶୁଭଶ୍ରୀ ବାରିକ, ସ୍ୱାତୀ ସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସମାରୋହରେ ଆଦିବାସୀ ବେଶଭୂଷାରେ ଛାତ୍ରୀଛାତ୍ର ଏବଂ ଅତିଥିଗଣ।

**ରାଉରକେଲା କଲେଜ ପକ୍ଷରୁ ଜାତୀୟ ଐତିହ୍ୟ ଦିବସ ପାଳନ**

## ସଂକ୍ଷେପରେ

### ହାଇସ୍କୁଲର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରେଢ଼ାଖୋଲ,୯।୮(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବ୍ଲକ ଅନ୍ତର୍ଗତ ବାରବାଙ୍କ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫୁଟବଲ,କବାଡି, ଖୋ–ଖୋ ଆଦି ପ୍ରତିଯୋଗିତା ହୋଇଥିଲା । ଏହି ଅବସରରେ ବଂଶଜାଲ ପଞ୍ଚାୟତ ସରପଞ୍ଚ ଲୋକନାଥ ପ୍ରଧାନ ମୁଖ୍ୟଅତିଥି ଓ ସମିତିସଭ୍ୟ ଦିଲୀପ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ଅଞ୍ଚଳର ପ୍ରତିଭାମାନେ ଜାତୀୟସ୍ତରରେ ଖେଳିବାକୁ ଉଦ୍ୟମ କରନ୍ତୁ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସସ୍ମିତା ପ୍ରଧାନ ସଭାପତିତ୍ୱ କରିଥିଲେ। ଖେଳ ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୧୦ ପ୍ରତିଯୋଗୀ ଯୋଗ ଦେଇଥିଲେ । ଏଥିମଧ୍ୟରୁ ଚୟନ କରାଯାଇଥିବା ଛାତ୍ରୀଛାତ୍ର ଜିଲା ସ୍ତରରେ ଖେଳିବେ। ରେଢ଼ାଖୋଲ ବ୍ଲକସ୍ତରୀୟ ସ୍କୁଲ ଶାରୀରିକ ଶିକ୍ଷା ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସହ ବ୍ଲକର ସମସ୍ତ ଶାରୀରିକ ଶିକ୍ଷକ ଓ ବାରବାଙ୍କ ଉଚ୍ଚ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ପ୍ରେମାନନ୍ଦ ସାହୁ ଧାନ୍ୟବାଦ ଅର୍ପଣ କରିଥିଲେ।

# ସରକାର ବଦଳିଛି, କୃଷିନୀତି ବଦଳୁନି: କୃଷକ ସଂଗଠନ

ସମ୍ବଲପୁର,୯।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା । ଏହି ଅବସରରେ ଅଗଷ୍ଟ କ୍ରାନ୍ତିର ସ୍ମୃତିକୁ ମନେ ପକାଇ ଜିଲା କୃଷକ ସୁରକ୍ଷା ସଂଗଠନର ଉପସଭାପତି ବିପିନ ବିହାରୀ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ କୃଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ସତ୍ତ୍ୱେ ଚାଷୀଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସିପାରି ନ ଥିବା କୃଷକ ସଂଗଠନ ଅଭିଯୋଗ କରିଥିଲା। ଧାନ ବିକ୍ରୀ ପାଇଁ ଅଗଷ୍ଟ ମାସରୁ କରାଯାଉଥିବା ଚାଷୀ ପଞ୍ଜୀକରଣ ବ୍ୟବସ୍ଥାକୁ ଭାଜପା ପୂର୍ବରୁ ବିରୋଧ କରୁଥିବା ବେଳେ ସରକାରକୁ ଆସିବା ପରେ ବିଜେଡି ସରକାରର ନୀତିକୁ କାର୍ଯ୍ୟକାରୀ କରୁଥିବା କୃଷକ ସଂଗଠନ ଅଭିଯୋଗ କରିଛି। ପୁଣି ସାରା ରାଜ୍ୟରେ ଜଳସେଚିତ ଅଞ୍ଚଳରେ ଏକର ପ୍ରତି ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଅଞ୍ଚଳରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରୀ ବ୍ୟବସ୍ଥା କରିବା ଦ୍ୱାରା ସମ୍ବଲପୁର, ବରଗଡ ଭଳି ଜିଲାର ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମ୍ବଲପୁର ଜିଲା କୃଷକ ସଂଗଠନର ସଦସ୍ୟମାନେ ଧାରଣା ଦେଇଛନ୍ତି ।

**ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ବଦଳିବା ଦରକାର**

ଆସନ୍ତା ଅଗଷ୍ଟ ୧୬ ତାରିଖରେ ଚାଷୀ ପଞ୍ଜୀକରଣ କାମ ଶେଷ ହେବାକୁ ଥିବା ବେଳେ ଏହାକୁ ପରିବର୍ତ୍ତନ କରିବାକୁ ସଂଗଠନ ଦାବି କରିଛି । ଚାଷୀ ଚାରିମାସ ପରେ କେବେ ଧାନ ବିକିବ ତାକୁ ଏବେଠାରୁ ଜଣାଇବାକୁ ବାଧ କରାଯିବା ଚାଷୀମାରଣ ନୀତିର ପରିଚାୟକ ବୋଲି ସଙ୍ଗଠନ ଅଭିଯୋଗ କରିଛି। ସେଥିପାଇଁ ଏଭଳି ପଞ୍ଜୀକରଣ ବ୍ୟବସ୍ଥାକୁ ବନ୍ଦ କରି ଚାଷୀ ଯାହା ଚାଷ କରି ଉତ୍ପାଦନ କରିବ ତାକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରିବାର ବ୍ୟବସ୍ଥା ସରକାର କରିବା ଜରୁରୀ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଜଳ,ଜଙ୍ଗଲ ଓ ଜମିକୁ ପୁଞ୍ଜିପତିଙ୍କ ହାତରୁ ସୁରକ୍ଷିତ ରଖି ଚାଷୀ ପାଇଁ ସଂରକ୍ଷଣ କରାଯିବା ଜରୁରୀ ବୋଲି ଏହି ଅବସରରେ କୃଷକ ସଂଗଠନ ପକ୍ଷରୁ କୁହାଯାଇଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନରେ ସାରା ଦେଶରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସମ୍ବଲପୁରର ଚାଷୀ ମାନେ ମଧ୍ୟ ସାମିଲ ହୋଇଥିଲେ। ଧାରଣାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ତଥା ସଂଯୁକ୍ତ କିଷାନ ମୋର୍ଚ୍ଚାର ସଦସ୍ୟ ଅଶୋକ ପ୍ରଧାନ, ପଶ୍ଚିମ ଓଡ଼ିଶାର ସଂଯୋଜକ ବ୍ୟୋମକେଶ ଠାକୁର, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ପଧାନ,ବରିଷ୍ଠ ସଦସ୍ୟ ହରିଶଙ୍କର ପୁରୋହିତ , ଦୋଳଗୋବିନ୍ଦ ନାୟକ, ଅଶ୍ୱିନୀ ହୋତା, କିଶାନ ବେହେରା, ରାଧେଶ୍ୟାମ ପଣ୍ଡା, ଦିଲୀପ ସାହୁ, ସନ୍ତୋଷ ସାହୁ, ବିଭୂତି ମହାପାତ୍ର, ସମୀର କୁମାର ପାଢ଼ୀ, ଭୈରବ ପଧାନ, ତରଣୀ ଭୋଇ ଓ ମାଲେଶ୍ରୁ ରାଓ, ଭେଙ୍କଟ ରାଓ, ପ୍ରଦିପ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ବୃଦ୍ଧି ପାଉଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର,୯।୮(ପ୍ରମୋଦ ବହିଦାର)

- ଖୋଲିଲା ଅଧିକ ୬ ସ୍ଲୁଇସ୍ ଗେଟ୍
- ୧୪ଟି ସ୍ଲୁଇସ୍ ଗେଟ୍‌ରେ ନିଷ୍କାସିତ ହେଉଛି ବନ୍ୟାଜଳ

ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହସ୍ତଗତ ହୋଇଥିବା ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨.୬୦ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୮ ହଜାର ୨୫୪ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୦ ହଜାର ୨୨୮ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ଜଳଭଣ୍ଡାରର ଡାହାଣ ପଟେ ୯ଟି ଓ ବାମ ପଟେ ୫ଟି ମିଶି ମୋଟ ୧୪ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୧୧ ହଜାର ୦୭୮ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୬ ହଜାର ୪୦୪ ଘନଫୁଟ, ବରଗଡ଼ କେନାଲରେ ୧ ହଜାର ୯୦୭ ଘନଫୁଟ, ଶାସନ କେନାଲରେ ୫୦୦ ଘନଫୁଟ, ସମ୍ବଲପୁର କେନାଲରେ ୫୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନଗୁଡ଼ିକୁ ମିଶି ମୋଟ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୮.୨୩ ମିଲିମିଟର ଓ ତଳ ମୁଣ୍ଡରେ ୨.୮୭ ମିଲିମିଟର ବର୍ଷା ରେକର୍ଡ ହୋଇଛି।

# କୁଟୁରାଚୁଆଁ କଲେଜରେ ଗଙ୍ଗାଧର ଜୟନ୍ତୀ



ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

କୁଚିଣ୍ଡା,୯।୮(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତ ଦୁଇ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କଲେଜର ଅଧକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ଜୟନ୍ତୀ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାଷ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଆ ସାହିତ୍ୟରେ ସ୍ୱଭାବ କବି ମେହେରଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପଣ୍ଡିତ ଅଲେଖ କୁମାର ପତି, କୁଟୁରାଚୁଆଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକୃତି କବି ମେହେରଙ୍କ ତପସ୍ୱିନୀ କବିତା ଉପରେ ଆଲୋଚନା କରିଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପକ ସୁଧୀର କୁମାର ନାଏକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ସତ୍ୟନାରାରଣ ପଟେଲ, ଶିକ୍ଷା ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଛାତ୍ରୀ ପୂଜାରାଣୀ ମାଝି ଓ ଛାତ୍ର କାହ୍ନା ବାଙ୍କରା ଯୋଗଦେଇ ମେହେର ସାହିତ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗଙ୍ଗାଧରଙ୍କ ସାହିତ୍ୟ ଉପରେ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ କ୍ରାନ୍ତି ଦିବସ

ସମ୍ବଲପୁର,୯।୮(ବି.ଶଙ୍କର)

ସମ୍ବଲପୁର ସରକାରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ କାର୍ଯକ୍ରମ ହୋଇଥିଲା। ପ୍ରଫେସର କଳ୍ପନା ମେହେର, ସୁଶାନ୍ତ କୁମାର ପଣ୍ଡା, ଭୋଜରାଜ ରୋହିଦାସ ଓ ମୌମିନା ଖାତୁନ ଭାରତର ସ୍ୱାଧୀନତା ସଂଗ୍ରାମରେ କ୍ରାନ୍ତି ଦିବସର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଶ୍ରେଣୀର ଛାତ୍ରୀମାନେ ଆଲୋଚନାରେ ଭାଗ ନେଇ ଏହି ଦିବସର ମହତ୍ୱ ଏବଂ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିଲେ । ଏହି ସଭାରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ତଥା ଶତାଧିକ ଛାତ୍ରୀ ଭାଗ ନେଇଥିଲେ।

# ୧ କୁଇଣ୍ଟାଲ ଗଞ୍ଜେଇ ସହ ୨ କାର୍ ଜବତ,୩ ଗିରଫ

ନାକଟିଦେଉଳ,୯।୮(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପୋଲିସ ଶୁକ୍ରବାର ସକାଳେ ଚଢ଼ାଉ କରି ୧ କୁଇଣ୍ଟାଲ ୨୯ କେଜି ଚୋରା ଗଞ୍ଜେଇ ସହ ୨ଟି କାର୍ ,୩ଟି ମୋବାଇଲ ଫୋନ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଚୋରା ଚାଲାଣକାରୀମାନେ ହେଲେ କନ୍ଧମାଳ ଜିଲା ଖଜୁରୀପଡା ଥାନା ଦଡପୂଜା ଗ୍ରାମର ସୁଜିତ କୁମାର ବେହେରା (୨୯), ଖଜୁରୀପଡା ଥାନା ନବଗୁବା ଜାମ୍ବୁସାହିର ଶ୍ରୀକାନ୍ତ ବେହେରା (୨୭) ଏବଂ ବୌଦ୍ଧ ଜିଲା ପୁରୁଣାକଟକ ଥାନା ନୁନିବାହାଲ ଗ୍ରାମର ନିରାକାର ହାତୀ (୨୬) ।

ପ୍ରକାଶ ଯେ, ରାଞ୍ଚି ବିଜୟୱାଡା ଜାତୀୟ ରାଜପଥର ରେଢ଼ାଖୋଲ –ଦେବଗଡ଼ ରାସ୍ତାରେ ସକାଳେ ଚୋରା ଗଞ୍ଜେଇ ଭର୍ତ୍ତି ଏକ ହୋଣ୍ଡାଇ କ୍ରିଏଟା କାର୍ ଆସୁଥିବା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ନାକଟିଦେଉଳ ଥାନା ଅଧିକାରୀ ଝସକେତନ ଭୋଇ ଚରଢ଼ପଶି ବାବା ମଠ ଠାରେ ଚଢ଼ାଉ କରିଥିଲେ। ତେବେ ପୋଲିସ ଗାଡିକୁ ଦେଖି କାର୍ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କୌଶଳକ୍ରମେ ଗିରଫ କରିଥିଲା। ତେବେ ଏହି କାର୍ ଆସିବାରେ ବିଳମ୍ବ ହେବାରୁ ଉକ୍ତ କାର୍‌କୁ ଆଗେ ଆଗେ ସୁରକ୍ଷା ଦେଉଥିବା ସ୍ୱିଫ୍ଟ ଡିଜାର ଗାଡି ପଛକୁ ଫେରି ସେଠାକୁ ଆସିବାରୁ ପୋଲିସ ସେଥିରେ ଥିବା ଚୋରା ଚାଲାଣକାରୀଙ୍କୁ କାବୁ କରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ନାକଟିଦେଉଳ ତହସିଲଦାର ଅମର ଜେ.ଡୁଙ୍ଗ ଡୁଙ୍ଗଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବା ସହ ଜବତ କରାଯାଇଥିଲା। ସମ୍ପୃକ୍ତ ଚୋରା ବେପାରୀମାନେ ଏହି ଚୋରା ଗଞ୍ଜେଇ କନ୍ଧମାଳ ଅଞ୍ଚଳରୁ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ କରୁଥିଲେ ବୋଲି ପୋଲିସ କହିଛି । ନାକଟିଦେଉଳ ପୋଲିସ ଏ ନେଇ ନଂ ୧୨୬ /୨୪ ରେ ଏକ ମାମଲା ରୁଜୁ କରିଛି। ଗିରଫ ୩ ଜଣଙ୍କୁ ଶୁକ୍ରବାର ଅପରାହ୍ନରେ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଭୋଇ ପ୍ରକାଶ କରିଛନ୍ତି ।


ଜବତ ଗଞ୍ଜେଇ ଓ କାର୍।

## ହୀରାକୁଦ ମହାବିଦ୍ୟାଳୟରେ କ୍ରାନ୍ତି ଦିବସ ପାଳିତ

ସମ୍ବଲପୁର,୯।୮(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ମହାବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ମହାବିଦ୍ୟାଳୟର ଅଧକ୍ଷା ସୁମିତ୍ରା ପଣ୍ଡାଙ୍କ ଅଧକ୍ଷତାରେ କ୍ରାନ୍ତି ଦିବସ ସହ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଇତିହାସ ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ପ୍ରଧାନ ମୁଖ୍ୟବକ୍ତା ଓ ଡ଼. ମଞ୍ଜୁଲତା ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗଦେଇ କ୍ରାନ୍ତି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ଯୁକ୍ତ ୩ ସ୍ନାତକ କଳା ଛାତ୍ର ସୁନୀଲ ସାଗର କ୍ରାନ୍ତି ଦିବସ ଉପରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା ଓ ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅନ୍ତରୀଣ ଗୁଣବତ୍ତା ନିର୍ଦ୍ଧାରଣ ପରିଷଦର ମୁଖ୍ୟ ଡ଼.ଅକ୍ଷୟ କୁମାର ସୂତାର ସଭା ପରିଚାଳନା କରିଥିବା ବେଳେ ଇଂରାଜୀ ବିଭାଗର ମୁଖ୍ୟ ସୀମାନ୍ତିକା ଦାସ ଧନ୍ୟବାଦ ଦେଇଥିଲେ।

# ଶିକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଉ

ସମ୍ବଲପୁର,୯।୮(ବି.ଶଙ୍କର)

**ବିଶ୍ୱ ଆଦିବାସୀ ଦିବସ ପାଳିତ**

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି । ପରିଷଦର ଅଧକ୍ଷ ନିହାଲ ସିଂଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଆକାଶବାଣୀ ସମ୍ବଲପୁର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ କୁମାର ପିଙ୍ଗ ମୁଖ୍ୟଅତିଥି, ସାମାଜିକ କର୍ମୀ ମହମ୍ମଦ ପରବେଜ ଖାନ ସମ୍ମାନିତ ଅତିଥି, ସମ୍ବପୁର ଆକାଶବାଣୀ ଅଧିକାରୀ କ୍ଷେତ୍ରମଣି ବିଭାର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଆଦିବାସୀ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହ ଆଦିବାସୀଙ୍କ ହକ୍ ତଥା ଅଧିକାର ନେଇ ସମସ୍ତ ଆଦିବାସୀ ସଚେତନ ହେବାକୁ ଆହ୍ୱାନ ଦିଆଯାଇଛି । ସଂପ୍ରତି ସମସ୍ତଙ୍କ ସକାଶେ ଶିକ୍ଷାର ଆବଶ୍ୟକତା ରହିଛି । ଯୁବତୀ ଯୁବକମାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରିବା ଜରୁରୀ। ଯଦ୍ୱାରା ଆଦୀବାସୀ ଯୁବତୀ ଯୁବକମାନେ ଶିକ୍ଷିତ ହୋଇ ସୁନାଗରିକ ହୋଇ ପାରିବେ । ଫଳସ୍ୱରୁପ ସେମାନେ ଆଦିବାସୀଙ୍କ ଅଧିକାର ସକାଶେ ସ୍ୱର ଉତ୍ତୋଳନ କରିପାରିବେ । ତେଣୁ ବର୍ତ୍ତମାନଠାରୁ ଆଦିବାସୀଙ୍କ ମଧ୍ୟରେ ଶିକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ପରିଷଦର ଉପାଧକ୍ଷ ଶିବଶଙ୍କର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୀର୍ତ୍ତନ କଳାକାର ତ୍ରିଲୋଚନ କୁଆଁର, ରାଜୁ ସୁଦ ଓ ଅର୍ପିତା ଭଦ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ପରିଷଦର ଉପାଧକ୍ଷା ରୁପାଞ୍ଜଳି ରଣବିଡାଙ୍କ ଅନ୍ୟ ସମସ୍ତ ସଭ୍ୟା ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯକ୍ରମ ପରିଶେଷରେ ପରିଷଦର ଜିଲା ସଂଯୋଜକ ତ୍ରିବିକ୍ରମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ବାଦିକ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମନୀଷ ସାହୁ ସ୍ୱାଧୀନତା ସମାରୋହର ସ୍ୱତନ୍ତ୍ର ଅତିଥି ମନୋନୀତ

ସମ୍ବଲପୁର,୯।୮(ବି.ଶଙ୍କର)

ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ସମ୍ବଲପୁର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ)ର ଛାତ୍ର ମନିଷ କୁମାର ସାହୁ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେବେ । ସେ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗର ଛାତ୍ର ଅଟନ୍ତି । ତାଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରିଛନ୍ତି। ଏନେଇ ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ବିକାଶ ଅନୁଷ୍ଠାନ ସମୂହ ସମ୍ବଲପୁରର ନିର୍ଦ୍ଦେଶକ ଜି. ରାମ କ୍ରିଷ୍ଣା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧାକ୍ଷା ଡ. ପୁଷ୍ପିତା ପଣ୍ଡା ତଥା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧକ୍ଷ ଡ. ଦିବ୍ୟସିଂହ ମହନ୍ତ ଶୁକ୍ରବାର ମନିଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି । ମନିଷ ହେଉଛନ୍ତି ଝାରସୁଗୁଡା ଜିଲା ତାଲପଟିଆ ଗ୍ରାମର ବାସିନ୍ଦା ମିତ୍ରଭାନୁ ସାହୁ ଓ ପଙ୍କଜିନୀ ସାହୁଙ୍କ ପୁଅ । ସୂଚନାଯୋଗ୍ୟ ଯେ , ମନୋନୀତ ଓଡିଶାର ୧୬ ଜଣ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରୁ ଯୁକ୍ତ ଦୁଇ ସ୍ତରରେ କେବଳ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ମନିଷ ମନୋନୀତ ହେଇଛନ୍ତି । ତେଣୁ ଏନ୍‌ଏସ୍‌ଏସ କାର୍ଯ୍ୟକାରୀ ସଂଯୋଜକ ମନୋରଞ୍ଜନ ମିଶ୍ର ବିଦ୍ୟାଳୟକୁ ଏଭଳି ସୁଯୋଗ ମିଳିଥିବାରୁ ଓଡିଶା ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଏସଏନଓ ତଥା ଉପ ସଚିବ ଡ. ରମେଶ ଚନ୍ଦ୍ର ବେହେରା, ରାଜ୍ୟ ସଂଯୋଜକ ଡ.ବିଶ୍ୱମୋହନ ଜେନା, ଜିଲା ସଂଯୋଜକ ଶାନ୍ତନୁ ପ୍ରଧାନ ଏବଂ ଓଡିଶା ଏନ୍‌ଏସ୍‌ଏସର ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



ସମ୍ବଲପୁର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ମନୀଷ କୁମାର ସାହୁଙ୍କୁ ଶୁକ୍ରବାର ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ରେଙ୍ଗାଲି ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ପରିଦର୍ଶନ

ସମ୍ବଲପୁର,୯।୮(ଭବାନୀ ଶଙ୍କର ଭୋଇ)

**ଶ୍ରେଣୀଗୃହ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖଣ୍ଡ ଖସି ଛାତ୍ର ଗୁରୁତର ହେବା ଘଟଣା**

- ପାଣି ଜମିବା ଯୋଗୁ ଛାତ ଫାଟି ସିମେଣ୍ଟ ଖସିଥିବା ଅଭିଯୋଗ

ଧନକଉଡା ବ୍ଲକର କଳାମାଟି ପଞ୍ଚାୟତ ଅନ୍ତର୍ଗତ ଗୋଶାଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀଗୃହ ଛାତରୁ ସିମେଣ୍ଟ ଖଣ୍ଡ ଖସି ଜଣେ ଛାତ୍ରଙ୍କ ମୁଣ୍ଡ ଫାଟିବା ଘଟଣାକୁ ନେଇ ଶୁକ୍ରବାର ପ୍ରଶାସନିକ ଏବଂ ରାଜନୈତିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଘଟଣା ପରେ ଆହତ ଛାତ୍ର ଓମ୍ ହାତୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ସବିତାକାନ୍ତ ପାଣିଗ୍ରାହୀ ନିକଟସ୍ଥ ଘରୋଇ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଏହାପରେ ସ୍ଥାନୀୟ ଜନ ପ୍ରତିନିଧିମାନେ ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ବିଷୟରେ ପଚାରି ବୁଝିଥିଲେ। କଳାମାଟି ସରପଞ୍ଚ ଡ଼ ସୁଷମା ସାହୁ ବିଦ୍ୟାଳୟ ପରିଦର୍ଶନ କରି ପ୍ରଧାନ ଶିକ୍ଷୟିତ୍ରୀ ପାଣିଗ୍ରାହୀଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସ୍କୁଲ ଆଲୁମନି କମିଟି ସଭାପତି ବାଳକୃଷ୍ଣ ସାହୁ ମଧ ଉପସ୍ଥିତ ଥିଲେ। କଳାମାଟି ସରପଞ୍ଚ ଅସମ୍ପୂର୍ଣ ଥିବା ଶ୍ରେଣୀ ଗୃହ ସମ୍ପୂର୍ଣ କରିବା ସହିତ ସମସ୍ତ ଶ୍ରେଣୀ ଗୃହ ମରାମତି କରିବାକୁ ଧନକଉଡା ବିଡିଓଙ୍କୁ ଦାବି କରିଥିଲେ। ଏହାପରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମଧ ବିଦ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ଶ୍ରେଣୀ କକ୍ଷ ବୁଲି ଦେଖିଥିଲେ। ଏନେଇ ବିଧାୟକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଜିଲା ପରିଷଦର ନିର୍ବାହୀ ଅଧିକାରୀ ଏବଂ ବିଡ଼ିଓଙ୍କୁ ଗୋଶାଳା ସରକାରୀ ଉଚ୍ଚ ବିଦ୍ୟାଳୟର ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ କିଛି ଦିନ ହେବ ଲଗାଣ ବର୍ଷା ହେବା ଯୋଗୁ ବିଦ୍ୟାଳୟ ଛାତରେ ପାଣି ଜମି ରହୁଛି। ସେଥିପାଇଁ ଛାତ ଫାଟି ସିମେଣ୍ଟ ଅତଡା ଖସୁଛି। ତୁରନ୍ତ ଏହାର ମରାମତି କରା ନ ଗଲେ ଆଗାମୀ ଦିନରେ ଆହୁରି ଅନେକ ଛାତ୍ର ଆହତ ହେବା ଆଶଙ୍କା ରହିଥିବା ଅଭିଭାବକମାନେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଧନକଉଡା ବିଡ଼ିଓ ଜୟନ୍ତ ସାହୁ, ବିଭାଗୀୟ ଜେଇ ଗୋପାଳ କୃଷ୍ଣ ପଣ୍ଡା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ଗୋଶାଳା ସ୍କୁଲକୁ ଯାଇ ସ୍ଥିତି ଅନୁଧାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ବିଡିଓ ଜୟନ୍ତ ସାହୁ ସୂଚନା ଦେଇଛନ୍ତି।


ଶୁକ୍ରବାର ରେଙ୍ଗାଲି ବିଧାୟକ ଶ୍ରେଣୀ କୋଠରି ମରାମତି ପାଇଁ ବିଡିଓଙ୍କ ସହ ଫୋନରେ କଥା ହେଉଛନ୍ତି ।

